




# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

# ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଲଘୁ ଖଣିଜ ସମ୍ପଦ ଲୁଟ୍‌ରେ ପ୍ରଶାସନିକ ଅଧିକାରୀଙ୍କ ସମ୍ପୃକ୍ତି ନେଇ ଭାଜପାର ସାମ୍ବାଦିକ ସମ୍ମିଳନୀ




ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚରମ ସୀମାରେ ପହଁଚିଛି। ଦୈନନ୍ଦିନ କୋଟି କୋଟି ଟଙ୍କାର ଲଘୁଖଣିଜ ସମ୍ପଦ ଲୁଟ୍ ଚାଲିଥିବା ବେଳେ ଜିଲ୍ଲା ଓ ତହସିଲ ପ୍ରଶାସନ ନିରବ ସମର୍ଥନ ଦେଇ ଆସିଛି । ନେଡ଼ି ଗୁଡ଼ କହୁଣିକି ବୋହିଲା ସଦୃଶ ଏବେ ଲିଜ୍‌ଧାରୀଙ୍କ ଉପରେ ଜୋରିମାନା କରି ପ୍ରଶାସନ ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ ଚେଷ୍ଟା କରୁଛି, କିନ୍ତୁ ଏହି ପ୍ରସଙ୍ଗକୁ ନେଇ ଜାରକା ପ୍ରୟାଗ ମଣ୍ଡପ ଠାରେ ଧର୍ମଶାଳା ଭାଜପା ପକ୍ଷରୁ ବିଜେପି ନେତା ତଥା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଅଣଲିଜ୍ ସୈରାତ ଅପେକ୍ଷା ସରକାରୀ ଭାବେ ଲିଜ ଦିଆଯାଇଥିବା ସୈରାତଗୁଡ଼ିକରେ ଅଧିକ ଲଘୁଖଣିଜ ସମ୍ପଦ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ମେ' ମାସରେ ଏହି ତହସିଲ ପକ୍ଷରୁ ଲୁଣିବର ମୌଜାରେ ୩ଟି କଳାପଥର ଖାଦାନ ଓ ଡଙ୍କାରୀ ମୌଜାରେ ଗୋଟିଏ ଖାଦାନ ମାପଚୁପ ପରେ ୧୦୫ କୋଟି ୮୯ ହଜାର ଟଙ୍କା ଜୋରିମାନା ହୋଇଥିଲା। ଯାହା ଅଦ୍ୟାବଧି ଅଣଆଦାୟ ହୋଇ ରହିଛି। ୫ ବର୍ଷରେ ଏହି ୪ଟି ଖାଦାନରେ ୨ଲକ୍ଷ ୮୯ ହଜାର ଘନ ମିଟର କଳାପଥର ଉତ୍ତୋଳନ ନିମନ୍ତେ ମାଇନିଙ୍ଗ ପ୍ଲାନ ସରକାରୀ ଭାବରେ ଅନୁମୋଦନ ହୋଇଥିବା ବେଳେ ୧୮ ଲକ୍ଷ ଘନମିଟର ଅଧିକ ଉତ୍ତୋଳନ ହୋଇଥିବା ନେଇ ଲିଜ୍‌ଧାରୀଙ୍କ ବିରୋଧରେ ତହସିଲ ଡିମାଣ୍ଡ ନୋଟିସ କରି ଅର୍ଥ ପୈଠ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ୧୫ ଲକ୍ଷ ଘନମିଟର କଳାପଥର ଚୋରି ପାଇଁ କେବଳ କଣ ଲିଜ୍‌ଧାରୀ ଦାୟୀ? କିନ୍ତୁ ଦାୟିତ୍ୱରେ ଥିବା ସରକାରି ଅଧିକାରୀ କହିଁକି ଦାୟୀ ହେବେ ନାହିଁ ଏନେଇ ଶ୍ରୀ ବେହୁରା ପ୍ରଶ୍ନ କରିଛନ୍ତି। ସେହିପରି ରସୁଲପୁର ତହସିଲ ଅଧିନ ଚାନ୍ଦପୁର ମୌଜାରେ ବାଲି ସୈରାତ ଲିଜ୍ ନେଇଥିବା ଲକ୍ଷ୍ମୀଧର ଜେନା କିପରି ଧର୍ମଶାଳା ତହସିଲ କୋଠିଡିଅ ଅଞ୍ଚଳରୁ ୩୦ ହଜାର ଘନମିଟର ବାଲି ଉତ୍ତୋଳନ କଲେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ କିପରି ଜାଣିପାରୁ ନ ଥିଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲଘୁଖଣିଜ ସମ୍ପଦ ସୁରକ୍ଷା ଓ ତଦାରଖ ପାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ମଲ୍ଲିକ ଓ ତହସିଲଦାର ସ୍ୱାଗତ ଦାସ ଦୀର୍ଘ ୪ ବର୍ଷ କାଳ ଏହି ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଓ ତହସିଲଦାର ଦାୟିତ୍ୱରେ ଥିବା ଦେବୀ ପ୍ରସାଦ ମହାନ୍ତିଙ୍କର ଏହି ଲୁଟ୍ ପଛରେ ସିଧାସଳଖ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏତେ ଦକ୍ଷ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଦାୟିତ୍ୱରେ ଥିବା ଓ ଲଘୁଖଣିଜ ସମ୍ପଦ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ହୋଇଥିଲେ ମଧ୍ୟ କିପରି ଏହି ଲଘୁଖଣିଜ ସମ୍ପଦ ସୁରକ୍ଷା ପାଇଁ ଆଖି ବୁଜି ଦେଇଥିଲେ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତେବେ ଆସନ୍ତା ତିନିଦିନ ମଧ୍ୟରେ ଯଦି ଜିଲ୍ଲା ପ୍ରଶାସନ ଏହାଉପରେ କୌଣସି ପଦକ୍ଷେପ ନନିଅନ୍ତି, ତେବେ ଆଇନର ଆଶ୍ରୟ ନେବା ପାଇଁ ଶ୍ରୀ ବେହୁରା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ସମ୍ମିଳନୀରେ ବିଜେପି ନେତା ଚନ୍ଦ୍ରମଣୀ ପଣ୍ଡିତ, ସ୍ମୃତିରଂଜନ ବାରିକ, ଅକ୍ଷୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବିର୍ସାମୁଣ୍ଡାଙ୍କ ସଂଘର୍ଷପୂର୍ଣ୍ଣ କାହାଣୀ ଆମ ସମସ୍ତଙ୍କ ପାଇଁ ଚିରପ୍ରେରଣାଦାୟୀ



ରାଉରକେଲା (ପିଏନ୍): ମହାନ ସ୍ୱାଧୀନତା ସଂଗ୍ରାମୀ ଧରତୀ ଆବ୍‌ବା ବୀର ବିର୍ସାମୁଣ୍ଡାଙ୍କ ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ଆମ ସମସ୍ତଙ୍କ ପାଇଁ ଚିରପ୍ରେରଣାଦାୟୀ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି । ବିର୍ସାମୁଣ୍ଡାଙ୍କ ୧୪୭ତମ ଜୟନ୍ତୀ ଅବସରରେ ଜିଲ୍ଲା କଂଗ୍ରେସ ତରଫରୁ ଅନୁଷ୍ଠିତ ସ୍ମୃତିସଭାରେ କଂଗ୍ରେସ ନେତୃବୃନ୍ଦ ବକ୍ତବ୍ୟ ରଖି ବିର୍ସାମୁଣ୍ଡା କିପରି ଯୁବ ବୟସରେ ବ୍ରିଟିଶ ଶକ୍ତି ବିରୋଧରେ ଏକ ଦୁର୍ଦ୍ଧର୍ଷ ଆନ୍ଦୋଳନ ଗଢି ତୋଳିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଗରିବ ଆଦିବାସୀ ଓ ଦଳିତ ଅବହେଳିତଙ୍କ ଉପରେ ବ୍ରିଟିଶର ଜୁଲମ ବିର୍ସାମୁଣ୍ଡାଙ୍କୁ ବ୍ୟଥିତ କରିଥିଲା ବୋଲି ନେତୃବୃନ୍ଦ ପ୍ରକାଶ କରି ବ୍ରିଟିଶ କଷଣରୁ ମୁକ୍ତି ପାଇଁ ନିଜ ଜୀବନକୁ ବାଜି ଲଗାଇ ବ୍ରିଟିଶ ଶକ୍ତି ବିରୋଧରେ ଜୀବନ ଉତ୍ସର୍ଗ କରିଥିଲେ । ବର୍ତ୍ତମାନ ସମୟରେ ଗରିବ ଆଦିବାସୀଙ୍କ ସମେତ ଦଳିତ ଅବହେଳିତଙ୍କ ଉପରେ ବିଭିନ୍ନ ସ୍ତରରେ ଜୁଲମ ହେଉଥିବାରୁ ଆଜି ମଧ୍ୟ ବିର୍ସାମୁଣ୍ଡାଙ୍କ ଆଦର୍ଶ ଓ ନୀତିର ପ୍ରାସଙ୍ଗିକତା ରହିଛି ବୋଲି ନେତୃବୃନ୍ଦ ପ୍ରକାଶ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଗରିବ ଓ ଅବହେଳିତ ବର୍ଗଙ୍କ ସ୍ୱାର୍ଥ ପାଇଁ କାମ କଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ ବୋଲି କହିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଓ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ସବୀର ହୁସେନ, ପ୍ରଭାତୀ ମିଶ୍ର, ତୁଳସୀ ନାଗ, ଓବିସି ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ଇନଟକ୍ ଅଧ୍ୟକ୍ଷ ନିହାର ଦାସ ପ୍ରମୁଖଙ୍କ ସମେତ ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ଅମ୍ରିତ କୌର, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲିପ ଜେନା, ରୁକସାନା ବେଗମ, ଓବିସି ଅଧ୍ୟକ୍ଷ ତ୍ରୈଲୋଚନ ସାହୁ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ବରିଷ୍ଠ ନେତା ସୁନୀଲ ପଟ୍ଟନାୟକ, ରେହେମାନ ଖାନ, ଯୁବନେତା ସାକିର ହୁସେନ ଓ ରାଜା ନାୟକ ପ୍ରମୁଖ ଉପସ୍ଥିତ ରହି ବିର୍ସାମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ସକାଳ ସାଢେ ୯ଟା ବେଳେ ଦଳୀୟ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ସ୍ଥାନୀୟ ବିର୍ସା ଛକଠାରେ ସମବେତ ହୋଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସକାଳ ସାଢେ ୧୦ଟା ବେଳେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏହି ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଉପରୋକ୍ତ ନେତୃବୃନ୍ଦଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତାମାନେ ଉଭୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା କଂଗ୍ରେସ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଧର୍ମଶାଳା ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ପୁସ୍ତକ ମେଳାର ସାରସ୍ୱତ ସନ୍ଧ୍ୟାର ଦ୍ୱିତୀୟ ଦିବସ । ଏହି ଉତ୍ସବକୁ ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ପୁସ୍ତକ ମଣିଷର ଏକମାତ୍ର ବନ୍ଧୁ ବୋଲି ମତପ୍ରକାଶ କରିଥିଲେ । କମିଟିର ସଭାପତି ତଥା ଧର୍ମଶାଳା ତହସିଲଦାର ସ୍ୱାଗତ ଦାଶଙ୍କ ସଭପତିତ୍ୱରେ ଆୟୋଜିତ ସାରସ୍ୱତ ସଭାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ଡ. ପ୍ରଜ୍ଞାପ୍ରବର୍ତିକା ଦାଶ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନାରାୟଣ ଚନ୍ଦ୍ର ବାରିକ ଓ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ମିଶ୍ର ଯୋଗଦେଇ ପୁସ୍ତକ ମେଳାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କମିଟି ସମ୍ପାଦକ ତଥା ଥାନା ଅଧିକାରୀ ରାକେଶ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକ ଅର୍ଜୁନ ପୃଷ୍ଟି ମଂଚ ଆମନ୍ତ୍ରଣ କରିଥିଲେ। କମିଟି ସଭ୍ୟମାନେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ମନସା ଦେବୀ ଶକ୍ତିପୀଠ



ଶିଓ୍ୱାଲିକ୍ ପର୍ବତମାଳାରୁ ନେଇ କୁରୁକ୍ଷେତ୍ର ପର୍ଯ୍ୟନ୍ତ ୪୮କୋଷର ସିନ୍ଧୁବନରେ ଋଷି-ମୁନୀ ମାନେ ପୁରାଣ ରଚନା କରିଥିଲେ। ଏହି ସମସ୍ତ ଭୂଭାଗ ଦେବଧରା ନାମରେ ଜଣାଶୁଣା।

ଏହି ପରମ୍ପରାରେ ହରିଆନାର ପଞ୍ଚକୁଲାରେ ଶିଓ୍ୱାଲିକ ପର୍ବତମାଳାର କୋଳରେ ସିନ୍ଧୁବନର ଶେଷ ସୀମାରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଆଚ୍ଛାଦିତ ଏକଦମ ମନୋରମ ଏବଂ ଶାନ୍ତ ପରିବେଶରେ ମାତା ମନସା ଦେବୀଙ୍କ ମନ୍ଦିର ଅବସ୍ଥିତ। ଯଦି କୌଣସି ଭକ୍ତ ସଚ୍ଚା ମନରେ ଚାଳିଶ ଦିନ ପର୍ଯ୍ୟନ୍ତ ଲଗାତାର ମାତା ମନସା ଦେବୀଙ୍କର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରନ୍ତି, ତେବେ ମାତା ମନସା ଦେବୀ ତାଙ୍କର ମନୋସ୍କାମନା ଅବଶ୍ୟ ପୂରଣ କରିଥାନ୍ତି। ମାତା ମନସା ଦେବୀଙ୍କର ଚୈତ୍ର ଏବଂ ଆଶ୍ୱିନ ମାସର ନବରାତ୍ର ପର୍ବରେ ବଡ଼ ଧରଣର ମେଳା ବସିଥାଏ। ଏହି ପର୍ବ ମାତାଙ୍କର ପ୍ରମୁଖ ପର୍ବ ଭାବେ ପାଳନ କରାଯାଏ।



ମାତା ମନସା ଦେବୀଙ୍କ ମନ୍ଦିରକୁ ନେଇ କେତେକ ଧାରଣା ଓ ମାନ୍ୟତା ପ୍ରଚଳିତ ରହିଛି। ଶ୍ରୀ ମାତା ମନସା ଦେବୀଙ୍କ ଇତିହାସ ଅନ୍ୟ ସିଦ୍ଧ ଶକ୍ତିପୀଠ ଭଳି ଅତି ପ୍ରାଚୀନ।



ଶ୍ରୀ ମାତା ମନସା ଦେବୀଙ୍କ ଆବିର୍ଭାବ ହେବାର ଉଲ୍ଲେଖ ଶିବ ପୁରାଣରେ ରହିଛି।

ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କରି ନଥିବାରୁ ଅତି ଦୁଃଖରେ ମା'ସତୀ ଯଜ୍ଞକୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣିପାରିଲେ। ଭଗବାନ ଶିବ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିଲେ, ସେ ନିଜେ ବି ବିଶ୍ୱାସ କରିପାରିଲେ ନାହିଁ। ରାଗରେ ଜର୍ଜରିତ ହୋଇ ଭଗବାନ ଶିବ ସତୀଙ୍କ ମରଶରୀର ନିଜ ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବଦେବୀମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମାରହିତ କରିବାକୁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। ସୁଦର୍ଶନ ଚକ୍ର ଦ୍ୱାରା ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ



ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ବ୍ରହ୍ମା, ବିଷ୍ଣୁ ଓ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ- (୧) ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା (ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ(ସ୍ତନଖଣ୍ଡ), (୩) ଆସାମର ଗୌହାଟୀସ୍ଥିତ କାମାକ୍ଷା ଦେବୀ (ଜୋନିଖଣ୍ଡ) ଓ (୪) କୋଲକତାର ଦକ୍ଷିଣ କାଳୀ (ମୁଖଖଣ୍ଡ)। ଓଡ଼ିଶାରେ ମଧ୍ୟ ଗୋଟିଏ ମହାଶକ୍ତିପୀଠ ମା' "ବିରଜା" ରହିଛନ୍ତି।

ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଚଳ ପ୍ରଦେଶର କାଙ୍ଗଡ଼ାରେ ମାତା ସତୀଙ୍କ ମସ୍ତକ ଖଣ୍ଡ ପଡ଼ିଥିଲା। ଏଥିଯୋଗୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କର ଭବ୍ୟ ମନ୍ଦିର ନିର୍ମାଣ ହୋଇଥିଲା। ସେହିପରି ଏଠାରେ ମାତାଙ୍କ ମସ୍ତକ ପଡ଼ିବାରୁ ବ୍ରଜେଶ୍ୱରୀ ଦେବୀ ଶକ୍ତିପୀଠ, ଜ୍ୱାଳାମୁଖୀରେ ଜିହ୍ୱା ଖଣ୍ଡ ପଡ଼ିବାରୁ ଜ୍ୱାଳାଜୀ, ମନର ଭାଗ



ପଡ଼ିବାରୁ ଛିନ୍ନ ମସ୍ତିକା, ନୟନରୁ ନୟନ ଦେବୀ ହୋଇଛନ୍ତି। ସେହିପରି ତ୍ରିପୁରାରେ ଜଙ୍ଘ ଖଣ୍ଡ ପଡ଼ିବାରୁ ମାତା ଜୟନ୍ତୀ ଦେବୀ, କୋଲକତାରେ ଡ଼ାହାଣ ପାଦ ଅଙ୍ଗୁଳି ପଡ଼ିବାରୁ କାଳୀ ମନ୍ଦିର, ସାହାରାନପୁର ନିକଟ ଶିଓ୍ୱାଲିକ୍ ପର୍ବତ ଉପରେ ମସ୍ତକ ଖଣ୍ଡ ପଡ଼ିବାରୁ ଶକୁମ୍ଭରୀ, କୁରୁକ୍ଷେତ୍ରରେ ଗଳାର ଆଭୂଷଣ ପଡ଼ିବାରୁ ଭଦ୍ରକାଳୀ ଶକ୍ତିପୀଠ ତଥା ଶିଓ୍ୱାଲିକ୍ ଗିରିମାଳାରେ ଦେବୀଙ୍କ ମସ୍ତିସ୍କର ଅଗ୍ରଭାଗ ପଡ଼ିବାରୁ ମନସା ଦେବୀ ଶକ୍ତିପୀଠ ସୃଷ୍ଟି ହେଲା।

ଏହି ଶକ୍ତିପୀଠରେ ମହାଭାରତର ପାଣ୍ଡବ ଭାଇମାନେ ବନବାସ ସମୟରେ ମାତା ମନସା ଦେବୀ ମନ୍ଦିରରେ ଦେବୀଙ୍କୁ ଆରାଧନା କରିଥିଲେ। ପାଣ୍ଡବମାନେ ବନବାସ ସମୟରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଏହି ଅଞ୍ଚଳକୁ ଆସିଥିବା ପ୍ରମାଣ ରହିଛି। ତେବେ ପିଞ୍ଜୌର, ସକେତଡ଼ୀ ଓ କାଲକା ଅଞ୍ଚଳରେ ପୁରାତତ୍ତ୍ୱବିତ୍‌ମାନଙ୍କ ଅନୁସନ୍ଧାନରୁ ଏଠାରେ ଯେଉଁ ପ୍ରାଚୀନ ପଦାର୍ଥ ମିଳିଛି, ତାହା ପାଷାଣ ଯୁଗର ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଆଦିମ କାଳରେ ମଧ୍ୟ ଏହି କ୍ଷେତ୍ରରେ ମଣିଷର ଅବସ୍ଥାନ ଥିଲା ଓ ସେ ଦେବୀ ଦେବତାଙ୍କୁ ପୂଜା କରୁଥିଲେ। ଏଣୁ ଏହି ସ୍ଥାନରେ ମାତା ମନସା ଦେବୀଙ୍କ ମନ୍ଦିର ବିଦ୍ୟମାନ ଥିବା ଜଣାପଡୁଛି।

ବର୍ଷର ବିଭିନ୍ନ ସମୟରେ ମାତା ମନସା ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା ମନସା ଦେବୀଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତା ମନସା ଦେବୀଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮

## କିଶୋର ଚନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଡଃ ଜ୍ଞାନେନ୍ଦ୍ରଙ୍କ ଶୋକ

ଭୁବନେଶ୍ୱର(ପିଏନ୍):ଲୋକସେବକ ମଣ୍ଡଳର ପୂର୍ବତନ କାର୍ଯ୍ୟକାରୀ ସଭାପତି, ବରିଷ୍ଠ ଆଜୀବନ ସଦସ୍ୟ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ତଥା ଦୈନିକ ସମାଜର ପୂର୍ବତନ ମୁଦ୍ରାକାର ଓ ପ୍ରକାଶକ, ଅଧ୍ୟାପକ କିଶୋର ଚନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ଲୋକସେବକ ମଣ୍ଡଳରେ ମାନନୀୟ ମନୁଭାଇଙ୍କ ନେତୃତ୍ୱରେ କାର୍ଯ୍ୟକରିବା ସମୟରେ, ଅଧ୍ୟାପକ ତ୍ରିପାଠୀଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବାର ସୁଯୋଗ ମୋତେ ମିଳିଥିଲା। ଜଣେ କଠୋର ସତ୍ୟବାଦୀ ମଣିଷ ଭାବରେ ଲୋକସେବକ ମଣ୍ଡଳରେ ତାଙ୍କର ଯଥେଷ୍ଟ ପ୍ରତିଷ୍ଠା ଥିଲା। ଜଣେ ସୁ-ମାର୍ଗଦର୍ଶକ ଭାବେ ତାଙ୍କର ମାର୍ଗଦର୍ଶନ, ମୋ ଜୀବନ ଯାତ୍ରାରେ ବହୁତ ସାହାଯ୍ୟ କରୁଛି। ତାଙ୍କ ବାକ୍ୟରେ କଠୋରତା ଥିଲେ ମଧ, ହୃଦୟ ଅନ୍ତତଃ ନଡ଼ିଆର ରସ ଭଳି କୋମଳ ଥିଲା। ପରଲୋକଗତ ଆତ୍ମାର ଶାନ୍ତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏ ଦାରୁଣ ଦୁଃଖ ସହ୍ୟ କରିବାକୁ ପରମାତ୍ମା ପରମେଶ୍ୱର ଅଶେଷ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ସେ କହିଛନ୍ତି।

# କଂଗ୍ରେସ ଓଡ଼ିଶାରେ ଶାସନକୁ ଫେରିଲେ କେନ୍ଦୁଝରରେ ଲୌହଶିଳ୍ପ ପ୍ରତିଷ୍ଠା ନିଶ୍ଚିତ



ଭୁବନେଶ୍ୱର (ପିଏନ୍)-କେନ୍ଦୁଝର ସହର ସ୍ଥିତ ଦୈନିକ ବୈଶ୍ୟ ସମାଜ ଠାରୁ ଭାରତଯୋଡ଼ ଯାତ୍ରା- ଓଡ଼ିଶାର ୧୩ତମ ଦିନର ଯାତ୍ରା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିପ୍ଳବ ମିଶ୍ର ଏହି ଯାତ୍ରାର କାର୍ଯ୍ୟକ୍ରମ ସବୁ ଆୟୋଜିତ କରିଥିଲେ। ଯାତ୍ରୀମାନେ କେନ୍ଦୁଝର ସହର ପରିକ୍ରମା କରି ମଧ୍ୟାହ୍ନରେ କଂଗ୍ରେସ ଭବନ ଠାରେ ପଂହଚିଥିଲେ। ହଜାର ହଜାର ଜନସାଧାରଣ, ଆଇନଜୀବି, ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ବିଭିନ୍ନ ବର୍ଗର ଲୋକ ଶ୍ରୀ ପଟ୍ଟନାୟକ ଏବଂ ଅନ୍ୟଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଆଦିବାସୀମାନେ ଏହି ଯାତ୍ରାରେ ପାରମ୍ପରିକ ନୃତ୍ୟ କରିଯାଉଥିଲେ। ମଧ୍ୟାହ୍ନରେ ଏହି ଯାତ୍ରାର ପ୍ରଥମ ଭାଗ ଶେଷ ହୋଇଥିଲା। ଯାତ୍ରା ପୂର୍ବରୁ ଦୈନିକ ସମାଜଠାରେ ପ୍ରଦେଶ କଂଗ୍ରେସ ସଭାପତି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ ଯେ କେନ୍ଦୁଝର ଜିଲ୍ଲା ଓଡ଼ିଶା ରାଜକୋଷକୁ ସବୁଠାରୁ ଅଧିକ ଅର୍ଥ ପ୍ରଦାନ କରୁଛି। କେବଳ ଖଣି ଏବଂ ଖଣିଜଜାତ ଦ୍ରବ୍ୟରୁ ସିଧାସଳଖ ଭାବରେ ବାର୍ଷିକ ୪୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରୁଛନ୍ତି। ତତ୍‌ସହିତ ଜିଲ୍ଲା ଖଣିଜ ବିକାଶ ଫଣ୍ଡରେ ପାଖାପାଖି ୧୮ ହଜାର କୋଟି ଟଙ୍କା ଗଚ୍ଛିତ ଅଛି। କିନ୍ତୁ ଏହି ଆୟରୁ ୧୦ ପ୍ରତିଶତ ମଧ ଏ ଜିଲ୍ଲାର ଜନସାଧାରଣଙ୍କ ବିକାଶ ପାଇଁ ଖର୍ଚ୍ଚ କରାଯାଉ ନାହିଁ। ଏ ଅଂଚଳର ଯୁବକ ରାଜ୍ୟ ବାହାରେ ପକ୍କାକାମ କରୁଛନ୍ତି ବା ଦିନମଜୁରିଆ ଭାବେ କାମ କରୁଛନ୍ତି। ଏ ଅଂଚଳର ଶିକ୍ଷିତ ଯୁବକ ଯୁବତୀମାନେ ବର୍ଷବର୍ଷ ଧରି ରୋଜଗାର ଅପେକ୍ଷାରେ। ୨୨ ବର୍ଷ ଭିତରେ ନବୀନ ସରକାର ଏ ରାଜ୍ୟର ଏକ ଶିଳ୍ପ ପ୍ରତିଷ୍ଠା କରିନାହାନ୍ତି। ଯଦିବା ଏ ଅଂଚଳରୁ ଲୁହାପଥର ଭାରତବର୍ଷର ଏବଂ ଭାରତ ବାହାରେ ବିଭିନ୍ନ ପ୍ରାନ୍ତକୁ ଯାଉଛି। ଏ ହେଉଛି ନବୀନବାବୁଙ୍କର ଏ ରାଜ୍ୟ ଏବଂ ଜିଲ୍ଲା ପ୍ରତି ନିଷ୍ଠା। କେନ୍ଦୁଝର ଜିଲ୍ଲା ଏକ ଆଦିବାସୀବହୁଳ ଜିଲ୍ଲା। ଏ ଅଂଚଳର ୬୭% ମହିଳା ରକ୍ତହୀନତାରେ ଶିକାର, ଶିଶୁ ମୃତ୍ୟୁହାର ସବୁଠାରୁ ଅଧିକ। ମାତୃ ମୃତ୍ୟୁହାର ମଧ୍ୟ ବହୁ ଉଚ୍ଚସ୍ତରରେ। ଏ ଅଂଚଳର ସମ୍ପଦକୁ ନିର୍ଦ୍ଦିଷ୍ଟ କିଛି ଗୋଷ୍ଠି ସଂପୂର୍ଣ୍ଣ ଉପଭୋଗ କରନ୍ତି। ଜିଲ୍ଲାର ପ୍ରଶାସନିକ ଅଧିକାରୀ ତଥା ଲୋକସେବା ଭବନରେ ବସିଥିବା ଅଧିକାରୀମାନେ ଜନସାଧାରଣଙ୍କ ପ୍ରତି ଦାୟିତ୍ୱ ଓ କର୍ତବ୍ୟକୁ ସଂପୂର୍ଣ୍ଣ ଭୁଲିଯାଇ କେବଳ ଭାରତୀୟ ଜନତାପାର୍ଟିର ଦଳୀୟ କର୍ମଚାରୀ ଭାବରେ କାର୍ଯ୍ୟକରୁଛନ୍ତି। ଏଥିରୁ ଶୀଘ୍ର ନିବୃତ ରୁହନ୍ତୁ। କଂଗ୍ରେସ ଯଦି ରାଜ୍ୟରେ ସରକାର କରିବ କେନ୍ଦୁଝର ଜିଲ୍ଲାରେ ନିଶ୍ଚିତ ଦୁଇଟି ଲୌହଭିତିକ ବଡ଼ଶିଳ୍ପ କାରଖାନା ପ୍ରତିଷ୍ଠା କରାଯିବ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା, ଗଣେଶ୍ୱର ବେହେରା, ଭୂଜବଳ ମାଝୀ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ମନୋଜ ଜେନା, ବନ୍ଦିତା ପରିଡ଼ା, ୟାସିର ନୱାଜ, ସନତ ଦାସ, ବିଶ୍ୱଜିତ ଦାଶ, ଆଲୋକ ମିଶ୍ର, ବାଙ୍କନିଧି ବେହେରା, ମନୋରଂଜନ ରାଉତ, ମୋହନ ପରିଡ଼ା, ସଂଗିତା ସିଂ, ସଂଗ୍ରାମ ଦାସ, ଫେଲୁ ମିଶ୍ର, ମନୋଜ ସାହୁ, ମନୋଜ ବିଶ୍ୱାଳ, ଦୀପକ ମହାପାତ୍ର, ପ୍ରଭାତ ପ୍ରତାପ ସିଂ, ସଂଜୟ ତ୍ରିପାଠୀ, କୈଳାସ ସାହୁ, ଜ୍ଞାନରଂଜନ ପଟ୍ଟନାୟକ, ବସନ୍ତ ଦାସ, ହାଡ଼ି ଖୁଂଟିଆ, ଦୀପ୍ତିରାଣୀ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ହଳଧର ସେଠୀ, ରଂଜିତ ପାତ୍ର, ସ୍ୱାଗତ କର, ଶୁଭମ ରାଜ, ସୁନେଶ ଧିର, ପ୍ରୀତମ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତେଲକୋଇର ଜଗମୋହନପୁରଠାରେ ମୋହନ ହେମ୍ବ୍ରମ ଏବଂ ପ୍ରଦୀପ ଧୀର ପ୍ରମୁଖ ବହୁ କଂଗ୍ରେସ ନେତା ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଅପରାହ୍ନରେ ପାଲଲହଡାଠାରେ ଭାରତ ଯୋଡ଼ ଯାତ୍ରା- ଓଡ଼ିଶା ପଂହଚିଥିଲା। ସମଗ୍ର ପାଲଲହଡ଼ା ସହରାଂଚଳକୁ ପରିକ୍ରମା କରାଯାଇଥିଲା। ଏଠାରେ ଥିବା ମହାତ୍ମା ଗାନ୍ଧୀ, ବିର୍ଶା ମୁଣ୍ଡା, ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଠାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ ବର୍ଷକୁ ମୋଦି ୨କୋଟି ଚାକିରି ଦେବା କଥା କହିଥିଲେ ଏବଂ ନବୀନବାବୁ ୨ଲକ୍ଷ ଚାକିରି କଥା କହିଥିଲେ। ୨୨ ବର୍ଷରେ ୪୪ ଲକ୍ଷ ଯୁବକଙ୍କୁ ରାଜ୍ୟ ସରକାର ଚାକିରି ଦେବା କଥା ଏବଂ ୧୮ କୋଟି ଯୁବକ ଭାରତବର୍ଷରେ ରୋଜଗାର ପାଇବା କଥା କିନ୍ତୁ ପାଇଛନ୍ତି କି? ଦରଦାମ ଆଜି ଆକାଶଛୁଆଁ, ଅଟା, ଗୁଡ଼, ମୁଢ଼ି, ଚୁଡ଼ା, ଛତୁଆ ଉପରେ ମଧ ଟ୍ୟାକ୍ସ ଲଗାଯାଇଛି। ସାଧାରଣ ଜନତା ହନ୍ତସନ୍ତ। ଚାଷୀର ଆୟ ସର୍ବନିମ୍ନ, ଯୁବକମାନଙ୍କ ପାଖରେ ରୋଜଗାର ନାହିଁ କିନ୍ତୁ ମୁଖ୍ୟମନ୍ତ୍ରୀ ଏକ ନମ୍ବର ପ୍ରଧାନମନ୍ତ୍ରୀ ବିଶ୍ୱଗୁରୁ, ଏହା କେବଳ ଗଣମାଧ୍ୟମରେ ସମ୍ଭବ। ପାଲଲହଡ଼ାଠାରେ ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ବିପ୍ଳବ ଜେନା ପାଲଲହଡ଼ାର ବିଧାନସଭା କଂଗ୍ରେସ ପ୍ରାର୍ଥୀ ସୁବ୍ରତ ଗଡ଼ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସସ୍ମିତା ବେହେରା, ସୁନିଲ ଦାସ, ବିଜୟାନନ୍ଦ ଚାଉଳିଆ, ଲୋକନାଥ ମହାରଥି, ସଂକୁନା କହଁର, ରାଜକିଶୋର ସାହୁ, ସଂଗ୍ରାମ କେଶରୀ କୁହଁର, ପ୍ରଦ୍ୟୁମ୍ନ ସାହୁ, ସୁଶ୍ରୀ ଶାନ୍ତି, ଉମା ସାହୁ, ରଶ୍ମି ପାଢ଼ୀ, ଜୟନ୍ତ ସାହୁ, ତପନ ପ୍ରଧାନ, ମହମ୍ମଦ ସାହାଦୁଲ୍ଲା, ବଳବିର ସିଂ,ନଗେନ ବିନାୟକ, ଲୁପୁ ଥାପା, ଟିକନ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥଲେ ବୋଲି ଭାରତ ଯୋଡ଼ ଯାତ୍ରା- ଓଡ଼ିଶାର ମିଡ଼ିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୮

# ମକଦ୍ଦମ ବୃଦ୍ଧଙ୍କର ଭାବନା



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆମ ଗ୍ରାମରେ ହାଇସ୍କୁଲ ପଢୁଆ ଦୁଇ ତିନିଜଣ ଛାତ୍ର ଆଉ ମୁଁ ଶିତୁଆ ସକାଳର ଖରା ପୁହୁଁଥାଉ । ଆମ ଘର ପାଖ ଏକ ରାସ୍ତାକଡ଼ ଫାଙ୍କା ସ୍ଥାନରେ ଏ ପଥରେ ଗ୍ରାମର ଲୋକ ଓ କିଛି ବାହାର ଲୋକ ସବୁଦିନପରି ଯାଆ ଆସ କରନ୍ତି । ଏ ପିଲା ଓ ମୁଁ ସେମାନଙ୍କର କିଛି ପ୍ରଶ୍ନର ଉତ୍ତର ଦେଉ ଅଜା ନାତିରେ ଥଟା ପରିହାସ କଥା ହେଉ କେହିବା ଆମକୁ ଦେଖି ବୃଥା ବିରକ୍ତି ପ୍ରକାଶ କରନ୍ତି ରକ୍ଷଣଶୀଳ ପରିବାର ବହୁଳ ଆମ ଗ୍ରାମ ଅନେକ କିଛି ପାଠ ପଢ଼ି ନାହାଁନ୍ତି ହେଲେ ତାଙ୍କର ବଂଶାନୁକ୍ରମିକ ଦମ୍ଭ ଓ ଜମିଜମାର ବଳରେ ଅନ୍ୟକୁ ହେୟ ମନେ କରିଥାନ୍ତି । ସେ ଦିନ ଆମର ଏପରି ବସିବା ଟିକି ସଭା କଡ଼ରେ ଖରା ପୁହିଁବା ବେଳେ ଜଣେ ମକଦ୍ଦମ ବୃଦ୍ଧ ଯାଉଥିଲେ ସେ ମୋର ମାମୁଁଘର ଗ୍ରାମ ଲୋକ ହୋଇଥିବାରୁ ବାପାଙ୍କର ମାମୁଁ ସମ୍ପର୍କ ଓ ମୋର ଜେଜେ ସମ୍ପର୍କ । ସେ ମୋତେ କହିଲେ କିରେ ବେକାରିଆ କାହିଁକି ଖରାଟାରେ ବସି ସମୟ କାଟୁଛ ବୃଥା ଗପ କରୁଛ । ଆମେ କହିଲୁ ଜେଜେ ଟିକେ ଶୁଣାଅନା ତୁମାର ଅଭିଜ୍ଞତା ଅନୁଭୂତି ମାଳାରୁ କିଛି । ସେ ବ୍ୟକ୍ତିଙ୍କ ବିଷୟରେ ମୁଁ ମୋର ବାପାଙ୍କ ଠାରୁ ଶୁଣେ, ସେ ମାମଲା ମକଦ୍ଦମାରେ ସଦା ଲିପ୍ତ ତାଙ୍କର ନିଜର ଜମିଜମା ବାଡ଼ବନ୍ଦୀ ଭାୟା ମାମଲାକୁ ଅନ୍ୟର ମାମଲାରେ ସେ ସାକ୍ଷୀ ସମ୍ବନ୍ଧ ଓ ଅନୁଭୂତି ସମ୍ପନ୍ନ ଲୋକ ବୋଲି ତତ୍କାଳ କଟକର କୋର୍ଟ ମାନଙ୍କୁ ଧାଉଡି ତାଙ୍କର ଆମକୁ କହିବା କଥା ଅମୁକ ଓକିଲ ଅମୁକ ଡେପୁଟି କଲେକ୍ଟର ଅମୁକ ବିଚାରପତି କେତେ ପାଠପଢ଼ି ମଣିଷ ଚରାଉଛନ୍ତି ତୁମେ ଅପଦାର୍ଥ ତୁମେ କଣ ସେପରି ହୋଇପାରିବ ? ମୁଁ କହିଲି ଜେଜେ ତୁମେ କାହିଁକି ? ସେପରି ହେଲନାହିଁ । ତୁମେ ଗ୍ରାମରୁ ଟଙ୍କା ନେଇ ତାଙ୍କୁ ସହରରେ ଓଜାଡୁଛ ? ସେ ବୁଦ୍ଧି ଖର୍ଚ୍ଚ କରି ଟଙ୍କା ଛାଣୁଛନ୍ତି ଆଉ ତମେ ଘର ପାଖ ଲୋକଙ୍କୁ ଶତ୍ରୁ ମନେକରି ତାଙ୍କୁ ଦେୟମିତ୍ର ବନ୍ଧୁ ମିଛ ଛଳନା ଫାଶରେ ପଡ଼ି ଅର୍ଥ ଦେଉଛ । ସେ ଚିହିଙ୍କି ଉଠି କହିଲେ ତମେ ପିଲା ତମେ ମୂର୍ଖଜନଙ୍କର ପିଲା, ତୁମେ ଏସବୁ ବୁଝି ପାରିବନାହିଁ । ସେମାନେ ଆମକୁ ବିପଦରେ ସହାୟକ କଷ୍ଟରୁ ଉଦ୍ଧାର କରନ୍ତି । ସେମାନେ ପାଠପଢ଼ି ଅଫିସର ହୋଇଛନ୍ତି ଯାହା ତୁମ ଦ୍ୱାରା ସମ୍ଭବ ନୁହଁ । ମୋ ପାଖରେ ବସିଥିବା ରଞ୍ଜିତ, ରବି ଏମାନେ ଏକଥାରେ ପ୍ରତିବନ୍ଧ କଲେ, କହିଲେ ବୁଢ଼ାଭାଇ ତୁମର ଜ୍ଞାନ ସୀମିତ ତୁମେ ଅନୁଭୂତି ସମ୍ପନ୍ନ ହୋଇପାର ମାତ୍ର ଅନ୍ଧପରି କଥା କହୁଛ । ଏକ ଛୋଟ ଦିଆସିଲି କାଠି ପରିବେଶ ପାଇଲେ ବହୁ ମୂଲ୍ୟବାନ ନିର୍ମାଣ କୋଠାବାଡ଼ି ଯାନ ସମ୍ପତ୍ତିକୁ ଭସ୍ମୀଭୂତ କରିଦେଉଛି । ଆମେ ବର୍ତ୍ତମାନ ପାଠ ପଢୁଛୁ ଆମର କୀର୍ତ୍ତି କଣ ତୁମେ ଦେଖିବା ବେଳକୁ ହୁଏତ ନଥିବ । ତେବେ ସୂର୍ଯ୍ୟ ଉଇଁବା ହୁଏ ଏହା ତୁମକୁ କଳ୍ପନାରେ ଆସୁନାହିଁ । ଆମପରି ସେ ଲୋକମାନେ ପାଠ ପଢ଼ିଛନ୍ତି ଆମେ ଜାଣୁନା ସେମାନେ ବିଦ୍ୟାଳୟ କଲେଜରେ କିପରି ପଢୁଥିଲେ ନିରୁପାୟ ହୋଇ ସେମାନେ ସେ ବୃତ୍ତି କରୁନାହାଁନ୍ତିତ ? କାରଣ ଅନେକ ବିଦ୍ୟାରେ ବିଘ୍ନ ପାଇଲେ ସରଳ ରୋଜଗାର ପଥ ବାଛନ୍ତି । ସେତେବେଳେ ଓକିଲାତି ହୋମିଓପ୍ୟାଥି ପାଠ ପରି ନଥିଲା । ବୁଢ଼ା କହିଲା ଇରେ ତୋ ବାପା କମାର କାମ କରି ଲୁହା ବାଡ଼େଉଛି ଆଉ ତୋ ବାପା ହାଟରେ ଗୋରୁ ବେପାର ଦଲାଲି କରୁଛି ତୁମେ କେମିତି ଏ ପାଠ ମହତ ଜାଣିବ ? ମୁଁ କହିଲି ଜେଜେ ତୁମେ ସମ୍ମାନନୀୟ ତୁମେ ମଞ୍ଜାରୁ ଅଙ୍କୁରୋଦମ୍ ବେଳେ କେମିତି ବୃକ୍ଷ ବଡ଼ ହୋଇ ଶାଖା ମେଲି ଫଳପୁଷ୍ପ ହୁଏ ତୁମର ଏ ଚିନ୍ତା ନାହିଁ । ତୁମର ହୁଏତ ତ ପୁଅ ଝିଅ ନାହାଁନ୍ତି କି ଥିଲେ ପାଠପଢୁ ନାହାଁନ୍ତି ସେ ବାବଦ ତୁମର ସ୍ୱପ୍ନ ନାହିଁ । ଏ ପାଇଁ ଏପରି ନୈରାଶ୍ୟ ବିରକ୍ତି ତୁମର ଆସୁଛି ? ପ୍ରକୃତରେ ବୁଢ଼ା ଆଣ୍ଟୁବୁଡା ଥିଲା । ତାଙ୍କ ମନରେ ଏଇରେ କଷ୍ଟ ହେବା ଆମେ ଜାଣିଲୁ ସେ ଚାଲିଗଲେ ମାତ୍ର ସଂକଳ୍ପ ନେଇ ରବି, ରଞ୍ଜିତ ପାଠ ପଢ଼ିଲେ, ରବି ବାବୁଙ୍କ ନାମ ଦୁର୍ଗା ଓଝା, ରଞ୍ଜିତ ନାମ ରଞ୍ଜିତ ମହାନ୍ତି ଏଥିରୁ ରବିବାବୁ ହେଲେ ଶ୍ରମ ଅଧିକାରୀ ଓ ରଞ୍ଜିତ ଜିଲ୍ଲା କଲେକ୍ଟର । ମୁଁ ତ ଅକିଞ୍ଚନତା ଜଣେ ସାମାନ୍ୟ ଜ୍ୟୋତିଷୀ, ଲେଖକ ଓ ପତ୍ରିକା ସମ୍ପାଦକ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଆଚାରଃ ପରମ ଧର୍ମଃ



ଯଶସ୍ୱିନୀ ପଟ୍ଟନାୟକ

ଶିକ୍ଷା ଓ ସଚେତନତା ହେଲା ସଶକ୍ତୀକରଣର ଚାବିକାଠି । ଶିକ୍ଷା ଓ ସଚେତନତା ପାଇଁ ପ୍ରଥମ ପାହାଚ ହେଲା ସାକ୍ଷରତା । ତେଣୁ ସଶକ୍ତୀକରଣର ଲକ୍ଷ୍ୟ ହାସଲ ପାଇଁ ଯାତ୍ରାର ପ୍ରବେଶ ଦ୍ୱାର ହେଉଛି ସାକ୍ଷରତା । ସେପ୍ଟେମ୍ବର ୮ ତାରିଖରୁ ପାଳନ କରାଯାଏ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଭାବେ । ଏହି ଦିନଟିକୁ ସମଗ୍ର ବିଶ୍ୱରେ ସାକ୍ଷାରତା ଦିବସ ଭାବେ । ଏହି ଦିନଟିକୁ ସମଗ୍ର ବିଶ୍ୱରେ ସାକ୍ଷାରତା ଦିବସ ଭାବେ ପାଳନ କରିବା ପାଇଁ ୟୁନେସ୍କୋ ବିଧିବଦ୍ଧ ଘୋଷଣା କରିଥିଲା ୧୯୬୫ ନଭେମ୍ବର ୧୭ ତାରିଖରେ । ଏହା ପରଠାରୁ ଅର୍ଥାତ୍ ୧୯୬୬ ମସିହାରୁ ଏହାକୁ ପାଳନ କରାଯାଉଛି । ଶିକ୍ଷା ହିଁ ଜାତୀୟ ପ୍ରଗତିର ବାହକ । ଏକ ସାକ୍ଷରତା ଭିତ୍ତିକ ଜନଗୋଷ୍ଠୀ ସମାଜର ବୈପ୍ଳବିକ କ୍ରାନ୍ତୀ ସୃଷ୍ଟି କରି ପାରିବେ । ସାକ୍ଷରତା ଯଥାର୍ଥରେ ସଶକ୍ତିକରଣର ପ୍ରଥମ ପାହାଚ । କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସାକ୍ଷରତା ହାର ବୃଦ୍ଧି ପାଇଁ ବ୍ୟାପକ ଲୋକହିତକର ଯୋଜନା ହାତକୁ ନେଉଛନ୍ତି । ସରକାରୀ ବ୍ୟବସ୍ଥା ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବେସରକାରୀ ସଙ୍ଗଠନ ମଧ୍ୟ ସାକ୍ଷରତା କାର୍ଯ୍ୟକ୍ରମକୁ ବ୍ୟାପକ ପାଇଁ ନିଜର ସାଧ୍ୟମତ ଉଦ୍ୟମ ଜାରି ରଖିଛନ୍ତି । ଆମ୍ଭମାନଙ୍କର ଶାସ୍ତ୍ରରେ ଅଛି – ଆଚାରଃ ପରମ ଧର୍ମଃ । ଯେଉଁଥିରେ ଆମ୍ଭେମାନେ ବଞ୍ଚିପାରୁ, ବୃଦ୍ଧିପାଉ, ସମାଜରେ ସମସ୍ତଙ୍କ ସହିତ ସ୍ନେହପରବଶ ହୋଇ ଚାଲିପାରୁ ତାର କୌଶଳ ଗୁଡ଼ିକ ହାତ କଲମରେ କରିବା ଭିତର ଦେଇ ଯେଉଁ ଜ୍ଞାନ ଆସେ ତାହା ହିଁ ଅସଲ ଶିକ୍ଷା । ପ୍ରକୃତ ମନୁଷ୍ୟତ୍ୱର ଜାଗରଣ ହେଲା ଶିକ୍ଷାର ଉଦ୍ଦେଶ୍ୟ । କେବଳ ଭଲ ଚିକିତ୍ସକ, ଇଂଜିନିୟର, ଅଧ୍ୟାପକ ବା ଓକିଲ ତିଆରି କରିବା ଶିକ୍ଷାର ଉଦ୍ଦେଶ୍ୟ ନୁହେଁ । ସତ୍ ଆଦର୍ଶଙ୍କ ଠାରେ ଦୀକ୍ଷା ନେଇ ଆଚାର୍ଯ୍ୟ ଅନୁସରଣ ମାଧ୍ୟମରେ ମାନବୀୟ ମୂଲ୍ୟବୋଧ ଗୁଡ଼ିକ ବାସ୍ତବରେ ରୂପାୟନ ହେଲେ ହିଁ ଶିକ୍ଷାର ଉଦ୍ଦେଶ୍ୟ ସାର୍ଥକ ହୁଏ । ଛାତ୍ର, ଶିକ୍ଷକ ଓ ଅଭିଭାବକ – ପ୍ରତ୍ୟେକଙ୍କର ସତର୍କ ଓ ଦାୟିତ୍ୱଶୀଳ ଭୂମିକା ରହିବା ଆବଶ୍ୟକ । ନିଜସ୍ୱ ଘର ଗୁଡ଼ିକ ଯେଭଳି ଆଦର୍ଶ ଶିକ୍ଷାର ମନ୍ଦିର ହୋଇଉଠିପାରେ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ । ଏହା ବାଦ୍ ଦେଇ ରାଷ୍ଟ୍ରର ମଧ୍ୟ ଶିକ୍ଷା ପ୍ରତି କର୍ତ୍ତବ୍ୟ ରହିଛି । ପୂର୍ବକାଳରେ ଗୁରୁକୁଳ ଆଶ୍ରମରେ ଜଣେ ଜଣେ ଋଷି ବା ପ୍ରଧାନ ଶିକ୍ଷକଙ୍କ ପାଖରେ ଦଶ ହଜାରରୁ ଷାଠିଏ ହଜାର ପର୍ଯ୍ୟନ୍ତ ଶିଷ୍ୟ ରହୁଥିଲେ । ବାସ୍ତବ କର୍ମ ମାଧ୍ୟମରେ ଶିକ୍ଷା ହେଉଥିଲା । ନ କରି ପାଇବାର ଦାବି ଥିଲା ନାହିଁ । ବଶିଷ୍ଠ, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ ଇତ୍ୟାଦ ଋଷମାନଙ୍କ ଆଶ୍ରମରେ ଛାତ୍ରମାନେ ଶିକ୍ଷା ଲାଭ କରୁଥିଲେ । ଏହି ସବୁ ଆଶ୍ରମ ଭିତରେ କୌଣସି ଦ୍ୱନ୍ଦ୍ୱ ନଥିଲା ବରଂ ଛାତ୍ର ବିନିମୟ ହେଉଥିଲା । ସେହି ସବୁ ବିଶ୍ୱବିଦ୍ୟାଳୟରେ ଛାତ୍ର ଥିଲେ ଉପମନ୍ୟୁ, ଆରୁଣି ଓ ଉଦ୍ଦାଳକ ଇତ୍ୟାଦି । ଶିକ୍ଷା କେବଳ ଆକ୍ଷରିକ ଓ ମୁଖସ୍ତ ନକରି ଚରିତ୍ର ଗଠନରେ ସହାୟ ନ ହେଲେ ତାହା ସମାଜକୁ ଠିକ୍ ଦିଗ୍‌ଦର୍ଶନ ଦିଏ ନାହିଁ । ଲେଖାପଢ଼ା ବା ଆକ୍ଷରିକ ଜ୍ଞାନ ବିଦ୍ୟା ନୁହେଁ । ଅଭ୍ୟାସ ଓ ବ୍ୟବହାରର ସାର୍ଥକ ସକ୍ରିୟ ନିୟନ୍ତ୍ରଣ ହିଁ ହେଲା ଶିକ୍ଷା । ଏହି ଚରିତ୍ର ଶିକ୍ଷକମାନଙ୍କ ଠାରୁ ଛାତ୍ରମାନଙ୍କ ପାଖକୁ ସଞ୍ଚାରିତ ହୁଏ । ଆଦର୍ଶକୁ ଧରି ସହଜାତ ସଂସ୍କାର ଗୁଡ଼ିକୁ ବାସ୍ତବରେ ମୂର୍ତ୍ତ କରି ଉଠାଇବା ହିଁ ଶିକ୍ଷା । ଛାତ୍ରଙ୍କର ସହଜାତ ସଂସ୍କାର, ରୁଚି, ବଂଶ ପରମ୍ପରା ଇତ୍ୟାଦିକୁ ଶିକ୍ଷକମାନେ ହିଁ ଅନୁସରଣ କରି ଶିକ୍ଷାକୁ ବୈଶିଷ୍ଟ୍ୟ ଅନୁପାତିକ କରି ଉଠାନ୍ତି । ଶିକ୍ଷକଙ୍କର ପ୍ରଧାନ ଦୋଷ ହେଲା ଅନ୍ୟ ଏକ ଶିକ୍ଷକଙ୍କୁ ବଦ୍‌ନାମ କରିବା । ଶିକ୍ଷା ଯେତେ ବାସ୍ତବ, ବ୍ୟବହାର, ପରିଚର୍ଯ୍ୟା ଓ କର୍ମଜଡ଼ିତ ହେବ ସେତେ ହିଁ ଭଲ । ଆଜିକାଲିର ଶିକ୍ଷା ଅଭିଳାଷ ବା ଗର୍ବ, ଲିପ୍ସା ବଢ଼ାଇ ଦିଏ କିନ୍ତୁ ସତ୍ତା ସମ୍ବର୍ଦ୍ଧନୀ ସମ୍ପଦ ଆହରଣର କୌଶଳ ଶିଖାଏ ନାହିଁ । ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର । କେବଳ ଆକ୍ଷରିକ ଶିକ୍ଷାରେ ଶିକ୍ଷିତ ବ୍ୟକ୍ତି ସମାଜର କୌଣସି ମଙ୍ଗଳ କର୍ମରେ ଜଡ଼ିତ ନ ହୋଇ କେବଳ ନିଜ ସ୍ୱାର୍ଥ ସନ୍ଧାନରେ ରତ ରହି ସମାଜର ଅଶେଷ କ୍ଷତି ସାଧନ କରନ୍ତି ଆଉ ଏହା ହିଁ ହେଉଛି କୁଶିକ୍ଷା । ଆଜିର ସାକ୍ଷରତା ଦିବସରେ ଜ୍ଞାନୀ, ଗୁଣୀ, ସୁହୃଦ୍ ବ୍ୟକ୍ତିମାନଙ୍କୁ ଆଦର୍ଶ ଶିକ୍ଷା, ଦୀକ୍ଷା ଓ ସମାଜ ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଜଣାଉଛି ।

ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ୍ ସ୍କୁଲ, ସେକ୍ଟର-୮,
ସିଡିଏ, କଟକ

# ଅଦୃଶ୍ୟ



ଅନୀତା ପଟ୍ଟନାୟକ

ଅଦୃଶ୍ୟ ହେଉଛି ଦୃଶ୍ୟର ଆଧାର । ଯାହା ମନୁଷ୍ୟକୁ ସ୍ଥିରତା ଓ ମୂଲ୍ୟ ପ୍ରଦାନ କରେ । ଜଗତରେ ଅଦୃଶ୍ୟ ହିଁ ସତ୍ୟ ଓ ଯଥାର୍ଥ । ଦୃଶ୍ୟମାନ ଜଗତ ପ୍ରତି ଅହେତୁକ ଅନୁରାଗ ହେତୁ ମନୁଷ୍ୟ ଅଦୃଶ୍ୟ ଜଗତ ପାଇଁ ପର ହୋଇଯାଇଛି । ଭାରତର ସାଧୁସନ୍ଥ, ଗୁରୁମାନେ ଦେଇଥିବା ସତର୍କବାଣୀ ସତ୍ତ୍ୱେ ମନୁଷ୍ୟ ଆଜି ଦୃଶ୍ୟ ପାଇଁ ଅଦୃଶ୍ୟକୁ ତ୍ୟାଗ କରିଛି । ସୌଭାଗ୍ୟ ପ୍ରଦାନ ପାଇଁ ଅଦୃଶ୍ୟ ହିଁ ତୃପ୍ତି ଓ ସାହାସ ପ୍ରଦାନ କରିପାରିବ । ଅଦୃଶ୍ୟକୁ ଅବଜ୍ଞା କରୁଥିବାରୁ ପ୍ରତ୍ୟେକ ହୃଦୟରେ ଓ ଘରେ ଘରେ ଅସନ୍ତୋଷ, ଦୁର୍ଦ୍ଦଶା ବଢ଼ି ବଢ଼ି ଯାଉଛି । ବଡ଼ଦାଣ୍ଡ ଆଗରେ ଷଣ୍ଢ, କୁକୁର, ଗୋଟିଏ ଗୋଟିଏ ଦ୍ୱୀପ ତିଆରି କରି ଅତି ବିପଦଜନକ ଭାବରେ ଯାନ ବାହାନ ଯାତାୟତ କରୁଥିବା ସ୍ଥାନରେ ସୁନିଦ୍ରା ଉପଭୋଗ କରୁଥାନ୍ତି । ଏପରି ବ୍ୟସ୍ତବହୁଳ ରାସ୍ତା ମଧ୍ୟରେ ଗାଈ, ଷଣ୍ଢ, କୁକୁର କାହିଁକି ଏପରି ସ୍ଥାନ ବାଛିଛନ୍ତି ବୋଲି କୁକୁରକୁ ପଚାରିବାରୁ ସେ କହିଲା ଏଠାକୁ ଆସିଥିବା ଲୋକମାନଙ୍କ ମଧ୍ୟରେ କିଏ ଭଲ ଓ କିଏ ଖରାପ ଜାଣିବା ପାଇଁ ଆମେ ଏପରି ସ୍ଥାନ ବାଛିଛୁ । ଭକ୍ତିଭାବ ବଢ଼ାଇଲେ ମୁକ୍ତି ମିଳିବ । ଅଦୃଶ୍ୟ ଭଗବାନ ବୋଝ ନେଇଯିବେ । ଅଦୃଶ୍ୟଙ୍କର ଶରଣାପନ୍ନ ହେଲେ ଏହା ଲାଭ ହୋଇଥାଏ । ଅଦୃଶ୍ୟଙ୍କ ପାଖରେ ରହିବା ପାଇଁ ତାଙ୍କ ସେବା କରିବା ପାଇଁ ପ୍ରତ୍ୟେକ ପ୍ରିୟବସ୍ତୁ ତ୍ୟାଗ କରିବା ଦରକାର । ହେଲେ ଆମ ସହିତ ମଜ୍ଜା କରିବା ପାଇଁ ବଦମାସି କରିବା ପାଇଁ, ଆମକୁ ଉଠାଇବା ପାଇଁ ଭକ୍ତ ବୋଲାଉଥିବା ମନୁଷ୍ୟମାନେ ଆମକୁ ହଇରାଣ ହରକତ କରିଥାନ୍ତି । ଏପରି ଭକ୍ତ ବୋଲାଉଥିବା ମନୁଷ୍ୟମାନେ ମୂଳତଃ ଖରାପ । ଷଣ୍ଢ କହିଲା କେତେକ ଲୋକ ନିଜ କାମ ପାଇଁ ବଡ଼ ବ୍ୟସ୍ତ ହୋଇ ନିଜ ବାଟରେ ଯାଉଛନ୍ତି । ଯାତ୍ରାରେ ବିଳମ୍ବ ହେବ ବୋଲି ଭାବି ନିଜ ଦୃଷ୍ଟିକୁ ବିକର୍ଷିତ କରୁଥିବା ବସ୍ତୁକୁ ରାସ୍ତାରେ ଦେଖିଲେ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ ଓ ନିଜ ବାଟରେ ଯାଆନ୍ତି ସେମାନେ ଉତ୍ତମ ପ୍ରକୃତିର ଲୋକ । କୁକୁର, ଗାଈ, ଷଣ୍ଢ ସେ ଦିନ ଠିକ ଆଲୋଚନା କରିଥିଲେ । ଜଗନ୍ନାଥଙ୍କ ନିକଟକୁ ଆସି ମଧ୍ୟ ଅଦୃଶ୍ୟକୁ ଚାହୁଁଥିବା ସେହି ଲୋକମାନେ ଏକୁଟିଆ ରହି ପାରନ୍ତି ନାହିଁ ଏବଂ ନିଜ ପ୍ରଗତିରେ ବାଧା ଦିଅନ୍ତି । ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧରେ ମତୁଆଲା ରହି ଧନରତ୍ନ ପାଇବା ପାଇଁ ଚଳଚଞ୍ଚଳ ଏମାନେ ଥରେ ପ୍ରକୃତ ଅର୍ଥ ବୁଝି ନଥାନ୍ତି । ପ୍ରେମର ଅର୍ଥ ବୁଝିନଥାନ୍ତି ।

ଏହି ସମୟରେ କିଛି ଛେଳି, ମେଣ୍ଢା ଏ ଆଲୋଚନାରେ ଭାଗନେଲେ । ଧନ ପାଇଁ କୁକୁଡ଼ା, ଛେଳି, ମେଣ୍ଢା ମାନଙ୍କୁ କିପରି ନିର୍ଦ୍ଦୟ ଭାବରେ ମନୁଷ୍ୟମାନେ କାଟି ପକାଉଛନ୍ତି ଏବଂ ସେମାନେ କିପରି ଦୁଃଖିତ ତାହା ପ୍ରକାଶ କଲେ । ଗାଈ କହିଲା ଭାଇମାନେ ପ୍ରେମ+ଚିନ୍ତା ହେଉଛି ସତ୍ୟ । ପ୍ରେମ+ଭାବନା ହେଉଛି ଶାନ୍ତି । ପ୍ରେମ+କର୍ମ ହେଉଛି ଧର୍ମ ଓ ପ୍ରେମ+ବୋଧଗମ୍ୟତା ହେଉଛି ଅହିଂସା । କିନ୍ତୁ ଏ ପୁରୀ ସହରକୁ ଆସିଥିବା ଲୋକମାନଙ୍କ ପକ୍ଷରେ ଅଦୃଶ୍ୟଙ୍କୁ ପାଇବା ପାଇଁ ଯେଉଁ ପ୍ରେମ ଆବଶ୍ୟକ ତାହା ସେମାନଙ୍କ ପାଖରେ ନାହିଁ । ଯେ ପ୍ରେମ ଦିଏ ସେ ମନୁଷ୍ୟ । ସେ ପ୍ରେମକୁ ପରିପୁଷ୍ଟ କରିବାରେ ବିଫଳ ହୁଏ ସେ ପଶୁ । ତେଣୁ ପ୍ରେମ ଓ ପ୍ରେମର ଅଭାବ ହିଁ ଜଣକୁ ପଶୁ, ମନୁଷ୍ୟ ଓ ଈଶ୍ୱର କରିଥାଏ । ଷଣ୍ଢ କହିଲା 'କହନା କହନା ଅଦୃଶ୍ୟଙ୍କୁ ପାଇବା ପ୍ରେମ କଥା ଛାଡ଼ । ଦୀପାବଳୀ ଦିନ କେତେକ ବଗୁଲିଆ ଛୁଆ ମୁଁ ଶୋଇଥିବା ବେଳେ ମୋ ଲାଞ୍ଜରେ ତାଳ ଫୋଟକା ବାନ୍ଧି ଫୁଟାଇ ଥିଲେ । ମୁଁ ଏଣେ ତେଣେ ଦୌଡୁଥିବା ବେଳେ ଅଦୃଶ୍ୟଙ୍କୁ ପାଇବାକୁ ଆସିଥିବା ଭକ୍ତମାନେ ତାଳିମାରି ଏହାକୁ ଉପଭୋଗ କରୁଥିଲେ । ଛେଳିମାନେ କହିଲେ ପ୍ରେମ ଦ୍ୱାରା ବିଶୋଧିତ ମନରୁ ଚିନ୍ତା ନିସୃତ ହେଲେ ତାର ପରିଣାମ ହେବ ଉତ୍ତମ କର୍ମ ଓ ଧର୍ମ । ପ୍ରେମ ମନୁଷ୍ୟର ଅନୁଭୂତି, ଚିନ୍ତା ଓ କର୍ମର ଅଂଶ ବିଶେଷ ହେଲେ ମନୁଷ୍ୟ ଶାନ୍ତି ଲାଭ କରେ । ପ୍ରେମର ପୁଷ୍ଟି ଏକ କୋମଳ ହୃଦୟରେ ସମ୍ଭବ । ସାଂସାରିକ ଶକ୍ତି ହେତୁ, ଆସକ୍ତି ହେତୁ କୋମଳତା ନଷ୍ଟ ହୋଇଯାଏ । ମନ ଇନ୍ଦ୍ରିୟ ଜଗତକୁ ନିର୍ଦ୍ଦେଶିତ କଲେ ଜୀବନ କୃତ୍ରିମ ହୋଇଯାଏ । କୁକୁର କହିଲା ଅଫିସରେ କୃତ୍ରିମ ସମ୍ବର୍ଦ୍ଧନା ଦିଆଯାଉଛି । ଅହଂକାର ସହ ପ୍ରତି ନମସ୍କାର କରାଯାଉଛି । ସମ୍ମାନ କୃତ୍ରିମ ଭାବରେ ବଧାଇ ପାଇଁ ଦିଆଯାଉଛି । ଏବେ କିଛି ଦିନ ତଳେ ଜଣେ ମହାମହିମ ରାଷ୍ଟ୍ରପତି ପୁରୀକୁ ଆସିଥିଲେ । ତାଙ୍କର ସମ୍ମାନାର୍ଥେ ସୁରକ୍ଷା ପାଇଁ ତାଗଡ଼ା ତାଗଡ଼ା କୁକୁର ଆସିଥିଲେ । ସୁରକ୍ଷାକର୍ମୀ ଆନୁଷ୍ଠାନିକ କାର୍ଯ୍ୟ କରୁଥିଲେ । ସେମାନଙ୍କ କର୍ମ ପଛରେ ହୃଦୟରୁ ନିସୃତ ସମ୍ମାନ ଓ ଆଦର ନଥିଲା । କେହି ଅଦୃଶ୍ୟକୁ ପାଇବା ପାଇଁ ଚେଷ୍ଟା କରୁନଥିଲେ । ଏହି କୃତ୍ରିମ ସମ୍ମାନ ପାଇଁ ଛେଳି, ଷେଣ୍ଢ, କୁକୁଡ଼ା ମାନଙ୍କୁ ବାହାଘର ଭୋଜି ମାନଙ୍କରେ କାଟି ରକ୍ତର ନଦୀ ଛୁଟାଇ ଦିଆଯାଉଛି । ଗୀତାରେ ଭଗବାନ ଅର୍ଜୁନଙ୍କୁ ଧନଞ୍ଜୟ ବୋଲି କହିଥିଲେ ଷଣ୍ଢ କହିଲା ପରାଜିତ କରିଥିବା ରାଜା ମାନଙ୍କ ଠାରୁ ଧନସଂଗ୍ରହ କରିଥିବା ହେତୁ ଲୋକମାନେ ଭାବନ୍ତି ଭଗବାନ ଅର୍ଜୁନଙ୍କୁ ଧନଞ୍ଜୟ ବୋଲି ସମ୍ବୋଧିତ କରିଥିଲେ । ଧନ ଅର୍ଥ ଯେକୌଣସି ମୂଲ୍ୟବାନ ଅଧିକାର ଓ ଆଦରର ବୁସ୍ତା । ସବୁଠାରୁ ମୂଲ୍ୟବାନ ଅଧିକାର ହେଉଛି ଆତ୍ମଜ୍ଞାନ । ଅର୍ଜୁନ ସେହି ଅଦୃଶ୍ୟ ଆତ୍ମଜ୍ଞାନ ଲାଭ କରିଥିବାରୁ କୃଷ୍ଣ ତାଙ୍କୁ ଧନଞ୍ଜୟ ବୋଲି ସମ୍ବୋଧିତ କରିଥିଲେ । ଏହିପରି ଏକ ସୁନ୍ଦର ଆଲୋଚନା ଚାଲିଥିବା ବେଳେ କୁଆଡ଼େ ଗୁଡ଼ାଏ ଦମକଳ ଗାଡ଼ି ଆସି ଆମ ଉପରେ ପାଣିର ପ୍ରହାର କରିବାରୁ ଆମେ ଛତ୍ରଭଙ୍ଗ ଦେଲୁ । ଆଉ କେବେ ଏକାଠି ହୋଇ ଆଲୋଚନା କଲେ ଆପଣ ମାନଙ୍କୁ ଜଣାଇବୁ ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ପାରିବାରିକ ସମସ୍ୟା କାରଣରେ ଓଡ଼ିଶା ନମ୍ବର-୨



ଡାକ୍ତର ସମ୍ରାଟ କର

ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ । ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି । ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି । ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା । ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି । ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା ।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି । ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି । ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୧୯ରେ ମୋଟ ୧,୩୯,୧୨୩ ଲୋକ ଆତ୍ମହତ୍ୟା କରିଛନ୍ତି ଅର୍ଥାତ୍ ଦେଶରେ ପ୍ରତି ଚାରିମିନିଟରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି । ଓଡ଼ିଶାରେ ଏହି ସଂଖ୍ୟା ୪୫୮୨ । ୨୦୧୯ରେ ଦୈନିକ ହାରାହାରି ବାରଜଣ ଆତ୍ମହତ୍ୟା କରୁଛନ୍ତି । ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା ହାର ଅଧିକ । ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି । ମୋଟ ଆତ୍ମହତ୍ୟା ଘଟଣା ମଧ୍ୟରୁ ୬୦.୭ ହେଉଛି ପାରିବାରିକ କାରଣ । ୭୬.୪ ପ୍ରତିଶତ ସହ ଉତ୍ତରାଖଣ୍ଡ ରହିଛି ଦେଶର ତାଲିକା ଟପରେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନ୍ତର୍ଗତ କାର୍ଯ୍ୟ କରୁଥିବା ଏନ୍‌ସିଆରବିର ତଥ୍ୟ ଅନୁସାରେ ୨୦୧୯ରେ ସହରାଞ୍ଚଳରେ ଆତ୍ମହତ୍ୟା ହାର ୧୩.୯ ପ୍ରତିଶତ ରହିଥିଲାବେଳେ ଦେଶରେ ଏହି ହାର ୧୦.୪ ପ୍ରତିଶତ ରହିଛି । ଏହି ବର୍ଷରେ ୫୩.୬ ପ୍ରତିଶତ ଲୋକ ଦଉଡି ଦେଇ ଆତ୍ମହତ୍ୟା କରିଥିଲାବେଳେ ୨୫.୮ ପ୍ରତିଶତ ଲୋକ ବିଷଖାଇ, ୫.୨ ପ୍ରତିଶତ ପାଣିରେ ବୁଡ଼ି ଏବଂ ୩.୮ ପ୍ରତିଶତ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି । ଦେଶର ମୋଟ ଆତ୍ମହତ୍ୟା ମଧ୍ୟରୁ ୩୨.୪ ପ୍ରତିଶତ ମାମଲା ପାରିବାରିକ ସମସ୍ୟା ପାଇଁ ହୋଇଥିଲାବେଳେ ୧୭.୧ ପ୍ରତିଶତ ମାମଲା ଜଟିଳ ରୋଗ କାରଣରୁ, ୫.୫ ପ୍ରତିଶତ ବୈବାହିକ ସମସ୍ୟା କାରଣରୁ ହୋଇଛି । ୨୦୧୮ ତୁଳନାରେ ୨୦୧୯ରେ ଆତ୍ମହତ୍ୟା ମାମଲାରେ ୩.୪ ପ୍ରତିଶତ ବୃଦ୍ଧି ଘଟିଛି । ପ୍ରତି ୧୦୦ ମାମଲାରୁ ୨୯.୮ ପ୍ରତିଶତ ମହିଳା ଏବଂ ୭୦.୨ ପ୍ରତିଶତ ପୁରୁଷ ଆତ୍ମହତ୍ୟା କରୁଛନ୍ତି । ଆତ୍ମହତ୍ୟାର ସର୍ବାଧିକ ମାମଲା ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି । ଏଠାରେ ୨୦୧୯ରେ ୧୮,୯୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ତାମିଲନାଡୁ (୧୩,୪୯୩), ପଶ୍ଚିମବଙ୍ଗ (୧୨,୬୬୫), ମଧ୍ୟପ୍ରଦେଶ (୧୨,୪୫୭), କର୍ଣ୍ଣାଟକ (୧୧,୨୮୮) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ଅଛନ୍ତି । ୨୦୧୭ରେ ଓଡ଼ିଶାରେ ଆତ୍ମହତ୍ୟା ମାମଲା ୪୪୯୩ ଥିଲାବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୪୫୮୨ରେ ରହିଛି । ଏଥିରୁ ୨୫୯୬ଜଣ ପୁରୁଷ ଥିଲାବେଳେ ୧୯୮୬ଜଣ ହେଉଛନ୍ତି ମହିଳା । ବିଭିନ୍ନ କାରଣରୁ ଲୋକେ ଆତ୍ମହତ୍ୟା ଭଳି ଘୃଣ୍ୟ ନିଷ୍ପତ୍ତି ନେଇଥାଆନ୍ତି । ଆଉ ଓଡ଼ିଶାରେ ଆତ୍ମହତ୍ୟା କରିବାର ସବୁଠୁ ବଡ଼କାରଣ ପାଲଟିଛି ପାରିବାରିକ ସମସ୍ୟା । ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା କରୁଥିବାର ସର୍ବାଧିକ ହାର ଉତ୍ତରାଖଣ୍ଡରେ ରହିଛି । ଉତ୍ତରାଖଣ୍ଡ ୨୦୧୯ରେ ୫୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ୩୯୪ ଜଣ ଅର୍ଥାତ୍ ୭୬.୪ ପ୍ରତିଶତ ମାମଲା ପାରିବାରିକ ବିବାହ କାରଣରୁ ଘଟିଛି । ଦ୍ୱିତୀୟରେ ରହିଛି ଓଡ଼ିଶା । ଏଠାରେ ମୋଟ ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି । ତୃତୀୟରେ ତ୍ରିପୁରା (୫୫.୪%) ଏବଂ ଚତୁର୍ଥରେ ରହିଛି ତାମିଲନାଡୁ (୬୮୪୩-୫୦.୭%) । ୨୦୧୯ ବର୍ଷରେ ଓଡ଼ିଶାରେ ୫୫୮ ଜଣ ଅବିବାହିତ ଯୁବକ, ୬୧୭ ଜଣ ଅବିବାହିତ ଯୁବତୀ ଆତ୍ମହତ୍ୟା କରିଥିଲେ । ମୋଟ ଆତ୍ମହତ୍ୟା ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୫୯୬ ଏବଂ ମହିଳାଙ୍କ ସଂଖ୍ୟା ୧୯୮୬ ରହିଛି । ତେବେ ଚିନ୍ତାର ବିଷୟ ହେଉଛି ଯେ ପାରିବାରିକ ସମସ୍ୟା ରାଜ୍ୟରେ ବଢ଼ିବା । ତଥ୍ୟ ସୂଚାଉଛି ରାଜ୍ୟରେ ମୋଟ ଆତ୍ମହତ୍ୟାରୁ ଅଧାରୁ ଅଧିକ ହେଉଛି ଏହି କାରଣ । ବିବାହିତ ଦମ୍ପତି ପାରିବାରିକ ସମସ୍ୟାରେ ଏତେ ଛନ୍ଦି ହୋଇପଡୁଛନ୍ତି ଯେ ବାଧ୍ୟରେ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇବାକୁ ବାଧ୍ୟ ହେଉଛନ୍ତି ।

ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ି ଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ । ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ । ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ । ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ । ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ । ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ -୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି । ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି । ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ । ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି । ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ । ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ । ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ବିଦ୍ୟା ଓ ବାଣୀର ଦେବୀ : ବାଗ୍‌ଦେବୀ



ଶରତ କୁମାର ସାହୁ

ବସନ୍ତ ପଞ୍ଚମୀ ମା' ସରସ୍ୱତୀଙ୍କ ପ୍ରକଟ ହେବା ଦିବସ । ଦେବୀ ସରସ୍ୱତୀ ମନୁଷ୍ୟକୁ ଜ୍ଞାନର ପ୍ରକାଶ ଦିଗରେ ନେଇ ଯାଆନ୍ତି । ସେ ବାଣୀର ଦେବୀ ହୋଇଥିବାରୁ ତାଙ୍କୁ ବାଗ୍‌ଦେବୀ କୁହାଯାଏ । ବାଣୀ ବା ଜିହ୍ୱାରୁ ବାହାରୁଥିବା ବାଣ, ଥରେ ବାହାରିଗଲେ ପୁଣି ଫେରି ଆସିନଥାଏ । ଏଣୁ ବାଣୀର ସଂଯମ ଏବଂ ସଦୁପଯୋଗ ହେବା ଆବଶ୍ୟକ । ଏହା ହିଁ ବାଗ୍‌ଦେବୀଙ୍କୁ ପ୍ରସନ୍ନ କରିବାର ମୂଳ ମନ୍ତ୍ର । ଯେତେବେଳେ ମନୁଷ୍ୟ ମୌନ ରହିଥାଏ, ସେ ସମୟରେ ବାଗ୍‌ଦେବୀ ଅନ୍ତରାତ୍ମାର ସ୍ୱର ହୋଇ ସତ୍‌ପ୍ରେରଣା ପ୍ରଦାନ କରିଥାନ୍ତି । ବାଗ୍‌ଦେବୀ ସରସ୍ୱତୀ ବାଣୀ, ବିଦ୍ୟା, ଜ୍ଞାନବିଜ୍ଞାନ ଏବଂ କଳାକୌଶଳର ଆଦିର ଅଧିଷ୍ଠାତ୍ରୀ ଦେବୀ । ସେ ମାନବ ଭିତରେ ଲୁଚି ରହିଥିବା ଚେତନା ଶକ୍ତିକୁ ଜାଗ୍ରତ କରି ଅଜ୍ଞାନର ଅନ୍ଧକାର ଦୂର କରିଥାନ୍ତି । ମନୁଷ୍ୟକୁ ଆଲୋକ ଆଡ଼କୁ ନେଇଯାଇଥାନ୍ତି । ବିଶ୍ୱର ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ଋକ୍ ବେଦରେ ମାତା ସରସ୍ୱତୀଙ୍କ ଦୁଇଟି ରୂପ ବିଷୟରେ ବର୍ଣ୍ଣନା କରାଯାଇଛି । ପ୍ରଥମେ ବାଗ୍‌ଦେବୀ ଏବଂ ଦ୍ୱିତୀୟରେ ସରସ୍ୱତୀ । ତାଙ୍କୁ ବୁଦ୍ଧିସମ୍ପନ୍ନ, ପ୍ରେରଣାଦାୟିନୀ ଏବଂ ପ୍ରତିଭା ବିକାଶ ନିମନ୍ତେ ଶକ୍ତି ପ୍ରଦାନ କରୁଥିବା ଦେବୀଙ୍କ ରୂପରେ ବର୍ଣ୍ଣନା କରାଯାଇଛି । ଋକ୍ ବେଦର ସଂହିତା ସୁକ୍ତ ସଂଖ୍ୟା ୮/୧୦୦ରେ ବାଗ୍‌ଦେବୀଙ୍କ ମହିମା ବର୍ଣ୍ଣନା କରାଯାଇଛି । ବୃହଦାରଣ୍ୟକ ଉପନିଷଦରେ ରାଜା ଜନକ ମହର୍ଷି ଯାଜ୍ଞବଲକ୍ୟଙ୍କୁ ପଚାରୁଛନ୍ତି, ଯେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଥାଏ, ଚନ୍ଦ୍ରମାର ଆଲୋକ ନଥାଏ ଏବଂ ଅଗ୍ନି ଲିଭିଯାଇଥାଏ, ସେତେବେଳେ କେଉଁ ବସ୍ତୁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ ? ଏହାର ଉତ୍ତରରେ ଋଷି କହୁଛନ୍ତି – ଏହି ସମୟରେ ବାକ୍ ଶକ୍ତି ହିଁ ମନୁଷ୍ୟକୁ ଆଲୋକ ପ୍ରଦାନ କରିଥାଏ । ମନୁଷ୍ୟ ପାଇଁ ପରମ ଉପଯୋଗୀ ମାର୍ଗ ଦେଖାଉଥିବା ଦେବୀ ହେଉଛନ୍ତି ବାକ୍‌ର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀ । ଛାନ୍ଦୋଗ୍ୟ ଉପନିଷଦରେ ଥିବା ବର୍ଣ୍ଣନା ଅନୁଯାୟୀ, ଯଦି ବାଣୀର ଅସ୍ତିତ୍ୱ ନଥାନ୍ତା, ତାହାଲେ ଭଲ ଏବଂ ମନ୍ଦ, ସତ୍ୟ ଓ ମିଥ୍ୟା, ସହୃଦୟତା ଏବଂ ନିଷ୍ଠୁରତା ମଧ୍ୟରେ ପ୍ରଭେଦ ଜାଣି ହୁଅନ୍ତା ନାହିଁ । ଏଣୁ ବାଣୀର ଉପାସନା କରିବା ଉଚିତ । ଜ୍ଞାନର ଏକ ମାତ୍ର ଅଧିଷ୍ଠାନ ହେଉଛି ବାକ୍ । ପ୍ରାଚୀନ କାଳରେ ବେଦ ଆଦି ସମସ୍ତ ଶାସ୍ତ୍ର କଣ୍ଠସ୍ଥ କରାଯାଉଥିଲା । ଆଚାର୍ଯ୍ୟଙ୍କ ବାଣୀ ଦ୍ୱାରା ଶିଷ୍ୟମାନେ ଶାସ୍ତ୍ରର ଜ୍ଞାନ ଲାଭ କରୁଥିଲେ । ଗୁରୁମନ୍ତ୍ର ମଧ୍ୟ ବାଣୀ ଦ୍ୱାରା ପ୍ରାପ୍ତି ହେଉଥିଲା । ବାଗ୍‌ଦେବୀ ମାତା ସରସ୍ୱତୀଙ୍କ ଉପାସନାର ପ୍ରାସଙ୍ଗିକତା ଆଧୁନିକ ଯୁଗରେ ମଧ୍ୟ ରହିଛି । ଦେବୀ ଭାଗବତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ବାଣୀର ଅଧିଷ୍ଠାତ୍ରୀ ଦେବୀ ମାତା ସରସ୍ୱତୀଙ୍କ ଆବିର୍ଭାବ ଶ୍ରୀକୃଷ୍ଣଙ୍କ ଜିହ୍ୱାରୁ ହୋଇଥିଲା । ପରମେଶ୍ୱରଙ୍କ ଜିହ୍ୱାରୁ ପ୍ରକଟ ହୋଇଥିବାରୁ ସେ ବାଗ୍‌ଦେବୀ ସରସ୍ୱତୀ ବୋଲାଇଲେ । ବୈଦିକ ଯୁଗର ବାଗ୍‌ଦେବୀ କାଳାନ୍ତରରେ ସରସ୍ୱତୀ ନାମରେ ପ୍ରସିଦ୍ଧ ହେଲେ । ଶାସ୍ତ୍ରରେ ମାଘ ଶୁକ୍ଳ ପକ୍ଷ ପଞ୍ଚମୀରେ ବାଗ୍‌ଦେବୀଙ୍କ ପ୍ରକଟ ହେବାର ଦିବସ ଭାବେ ବର୍ଣ୍ଣନା କରାଯାଇଛି । ଏହି କାରଣରୁ ବସନ୍ତ ପଞ୍ଚମୀ ଦିନ ବାଗୀଶ୍ୱରୀ ଜୟନ୍ତୀ ମଧ୍ୟ ପାଳିତ ହୋଇଥାଏ, ଏହା ସରସ୍ୱତୀ ପୂଜା ନାମରେ ମଧ୍ୟ ପ୍ରସିଦ୍ଧ । ବାଗ୍‌ଦେବୀଙ୍କ ଆରାଧନା ପଛରେ ଲୁଚି ରହିଥିବା ଆଧ୍ୟାତ୍ମିକ ବାର୍ତ୍ତା ହେଉଛି – ଆପଣ ଯାହାକିଛି କହୁଛନ୍ତି, ଭାବିଚିନ୍ତି କୁହନ୍ତୁ । କାରଣ ମଧୁର ବାଣୀ ମିତ୍ର ସୃଷ୍ଟି କରିଥାଏ ଏବଂ କଟୁ ବାଣୀ ଶତ୍ରୁ ସୃଷ୍ଟି କରେ ।

'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର,
ଦୂରଭାଷ : ୯୪୩୭୦୫୧୫୪୩

# ଆଚ୍ଛାଦନ-ଆଚରଣ



ଅପର୍ଣ୍ଣା ନାୟକ

କେତେକ ଲୋକ କହନ୍ତି – ମନୁଷ୍ୟ ତା'ର ପୋଷାକ ପରିଚ୍ଛଦରୁ ଜଣାପଡ଼େ ସେ କେତେ ସମ୍ମାନସ୍ପଦ : କିନ୍ତୁ ଆଚ୍ଛାଦନ ପ୍ରକୃତ ମଣିଷକୁ ଚିହ୍ନାଏ ନାହିଁ, ଆଚରଣ ହିଁ ମଣିଷର ପ୍ରକୃତ ସ୍ୱରୂପକୁ ଉନ୍ମୋଚନ କରେ । ଅବଶ୍ୟ ପୋଷାକର ମଧ୍ୟ ଗୁରୁତ୍ୱ ରହିଛି । ତେଣୁ କୁହାଯାଏ – 'ଭେକ ଥିଲେ ଭିକ ମିଳେ' । ବାହ୍ୟ ଆଚ୍ଛାଦନ ପୋଷାକ ହୋଇଥିବା ସ୍ଥଳେ ଅନ୍ତ ଆଚ୍ଛାଦନ ଆନ୍ତରିକତାପୂର୍ଣ୍ଣ ଆଚରଣ । ମନୁଷ୍ୟ ନିଜ ଆଚରଣରୁ ହିଁ ବାରି ହୋଇଯାଏ ସେ ସମସ୍ତଙ୍କର କେତେ ଆଦରଣୀୟ, ସ୍ନେହସ୍ପଦ ବା ନମସ୍ୟ । ସବୁବେଳେ ଯେଉଁ ପୋଷାକ ପିନ୍ଧିଲେ ମଧ୍ୟ ପରିଷ୍କାର, ପରିଚ୍ଛନ୍ନ ପୋଷାକ ପିନ୍ଧିବା ଉଚିତ, କାରଣ ତା'ର ମନ ଉପରେ ପ୍ରଭାବ ପଡ଼େ । ଅତିରିକ୍ତ ପୋଷାକ ପିନ୍ଧି, ଅତିମାତ୍ରାରେ ସଜେଇ ହେବା, ଅଳଙ୍କାର ମଣ୍ଡିତ ହେବା ଆଦୌ ସ୍ପୃହଣୀୟ ନୁହେଁ । ଯେତିକି ସରଳ, ସ୍ୱଚ୍ଛ, ନିର୍ମଳ ଓ ସାଧାସିଧା ପୋଷାକ ପରିଚ୍ଛଦ ହେବ, ବ୍ୟକ୍ତିର ବ୍ୟକ୍ତିତ୍ୱ ସେତିକି ଅଧିକ ପୋଷାକ ଭିତରୁ ଝଟକି ଉଠିବ । ଭଲ ବ୍ୟବହାର ହେଲେ ବ୍ୟକ୍ତିର ବ୍ୟକ୍ତିତ୍ୱ ଆକର୍ଷିତ ହୋଇଥାଏ । ଜଣେ ଦେଖିବାକୁ ସୁନ୍ଦର ହୋଇନପାରେ; କିନ୍ତୁ ତା'ର ଆଚରଣ ଓ ବ୍ୟବହାର ଭଲ ହେଲେ ସେ ଅନ୍ୟକୁ ଅନାୟାସରେ ଆକୃଷ୍ଟ କରିପାରେ । ରୂପର ଅଭାବକୁ ସୁନ୍ଦର, ସ୍ୱଚ୍ଛ, ଆନ୍ତରିକତାପୂର୍ଣ୍ଣ ବ୍ୟବହାର ପୂରଣ କରିଦିଏ, କାରଣ ଭଲ ବ୍ୟବହାର କରିବା ଅଭ୍ୟାସରେ ପଡ଼ିଗଲେ ମନୁଷ୍ୟ ଅନ୍ୟକୁ ଆଘାତ ଦେବାକୁ ଚେଷ୍ଟା କରେନାହିଁ ଓ ତା'ର ଅନ୍ତର୍ନିହିତ ସଦ୍‌ଗୁଣଗୁଡ଼ିକ ସହଜ ଭାବରେ ବ୍ୟବହାର ମଧ୍ୟରେ ପ୍ରସ୍ଫୁଟିତ ହୋଇଯାଏ ଓ ସୁରଭି ବିତରଣ କରି ପରିବେଶକୁ ମଧୁମୟ କରିପାରେ । ସେତେବେଳେ ସେ କେଉଁ ପୋଷାକ ପିନ୍ଧିଛି ତାହା ନଜରକୁ ଆସେନାହିଁ । ଅତି ଦାମିକା, ଝଲମଲ ହେଉଥିବା ପୋଷାକ ପିନ୍ଧିଥିବା ବ୍ୟକ୍ତିଠାରୁ ଆନ୍ତରିକତା ପୂର୍ଣ୍ଣ ବ୍ୟବହାର ଓ ସାରଲ୍ୟ ଥିବା ବ୍ୟକ୍ତି ସହଜରେ ପାଖ ପଡ଼ୋଶୀମାନଙ୍କୁ ଆକୃଷ୍ଟ କରିପାରନ୍ତି । କାରଣ ଆନ୍ତରିକତାର ଏକ ନିଆରା ମହତ୍ତ୍ୱ ଅଛି, ବାସ୍ନା ଅଛି, ଯାହା ପାଠଶାଠ ନପଢ଼ିଥିବା ବ୍ୟକ୍ତି ବାରି ନିଏ, ଚିହ୍ନି ନିଏ, ସମ୍ପର୍କ ଗଢ଼ି ଉଠେ ଆପେ ଆପେ । ସେଭଳି ମଣିଷକୁ ଦେଖିଲା ମାତ୍ରେ ଓଠରେ ହସ ଫୁଟିଉଠେ, ମନ ପ୍ରସନ୍ନ ହୁଏ, ଲାଗେ ସତେ ଯେମିତି ସେ ଖୁବ୍ ଆପରାର, ବହୁଦିନରୁ ପରିଚିତ ମଣିଷଟିଏ । ଆଚରଣ ହିଁ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ, ପୋଷାକ ନୁହେଁ । ମହାତ୍ମା ଗାନ୍ଧି ପ୍ରମାଣିତ କରି ଦେଇଥିଲେ ଯେ ପୋଷାକ ମଣିଷକୁ ତିଆରି କରେନା, ତ୍ରୁଟିକୁ ପୂରଣ କରି ଦେଇ ବ୍ୟକ୍ତିକୁ ଅଲଗା ମହତ୍ତ୍ୱରେ ପରିପ୍ଳୁତ କରିଦିଏ । ମହାତ୍ମା ଗାନ୍ଧି ଅତି ସାଧାରଣ ଖଦଡ଼ ଧୋତି ଖଣ୍ଡେ ପିନ୍ଧୁଥିଲେ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ, ମଣିଷପଣିଆ, ମହାତ୍ମ୍ୟ ବିଶ୍ୱକୁ ଚମତ୍କୃତ କରିଦେଇଛି । ଇଂରେଜ ଶାସକଙ୍କ ପାଖକୁ ଗଲାବେଳେ ସେ ସେହି ପୋଷାକ ପିନ୍ଧିଥିଲେ । ପ୍ରଚଳିତ ରୀତି ଅନୁସାରେ ଦ୍ୱାରପାଳ ତାଙ୍କୁ ଭିତରକୁ ଛାଡ଼ିଲା ନାହିଁ । ପେଣ୍ଟ, କୋଟ, ସୁଟ୍, ଟାଇ ପିନ୍ଧିଥିଲେ ସେ ଉତ୍ସବକୁ ଯାଇପାରିଥାନ୍ତେ । ମହାତ୍ମା ଗାନ୍ଧି ଘରକୁ ଫେରିଆସିଲେ ପେଣ୍ଟ, କୋଟ, ସୁଟ୍, ଟାଇକୁ ସୁନ୍ଦର ଭାବେ ସଜାଡ଼ି ଜଣେ ବ୍ୟକ୍ତି ହାତରେ ଲାଟଙ୍କ ପାଖକୁ ପଠାଇ ଦେଲେ । ଲାଟ୍ ସାହେବ ଲଜ୍ଜିତ ହେଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାର ସହ ସେହି ସରଳ ପୋଷାକରେ ଅତ୍ୟନ୍ତ ସମ୍ମାନ ଦେଇ ଭିତରକୁ ପାଛୋଟି ନେଲେ । ଲଣ୍ଡନ ଗଲାବେଳେ ମଧ୍ୟ ଗାନ୍ଧିଜୀ ସେହିଭଳି ସାଧାସିଧା ଲୁଗା ପିନ୍ଧୁଥିଲେ । ତାଙ୍କର ବ୍ୟକ୍ତିତ୍ୱ ଏତେ ମହାନ୍ ତାଙ୍କର ଆଦର୍ଶ ଏତେ ଉଚ୍ଚକୋଟୀର ଯେ ତାଙ୍କ ପାଇଁ କୌଣସି ପୋଷାକ ବା ବାହ୍ୟ ଆଡ଼ମ୍ବର ତିଳେମାତ୍ର ପ୍ରୟୋଜନ ନଥିଲା । ସେ ସର୍ବଶ୍ରେଷ୍ଠ ମହାନ୍ ମଣିଷ ଭାବରେ, ଅନ୍ତର୍ନିହିତ ଶୁଦ୍ଧ ଗୁଣାବଳୀରେ ବିଭୂଷିତ ଦେବୋପମ ବ୍ୟକ୍ତିତ୍ୱ । ଯଥାର୍ଥରେ ମହାତ୍ମା ପଦବାଚ୍ୟ । ବାହ୍ୟ ଆଚ୍ଛାଦନ କେବଳ ନୁହେଁ, ବ୍ୟକ୍ତିର ଅନ୍ତର୍ନିହିତ ଗୁଣ, ମାନସିକତା, ଭଦ୍ରଜନୋଚିତ ବ୍ୟବହାର ଏବଂ ସ୍ନେହଶ୍ରଦ୍ଧା ଭରା ଆନ୍ତରିକତା ହିଁ ବ୍ୟକ୍ତିକୁ ଜନପ୍ରିୟ ଓ ସମ୍ମାନସ୍ପଦ କରାଇଥାଏ ।

ସେକ୍ଟର-୧୦, ସିଡିଏ, କଟକ




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଠାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ।

# ରାୟଗଡା ଜିଲ୍ଲା ରେ ମୁଁ ବି ହେବି ମିତା ଅଭିଯାନର ଶୁଭାରମ୍ଭ



ରାୟଗଡ,(ପି.ଏନ): ଭାରତୀୟ ନିର୍ବାଚନ କମନିଶନଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧିତ କାର୍ଯ୍ୟକ୍ରମ ଅନ୍ତର୍ଗତ "ମୁଁ ବି ମିତା ଅଭିଯାନ "ରାୟଗଡ ଜିଲ୍ଲାର ଆରମ୍ଭ ହୋଇଛି। ବୁଧବାର ରାୟଗଡ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାମେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ,ସମ୍ଭାବିତ ଭୋଟର ଓ ସ୍ଥାନାନ୍ତରିତ ଭୋଟର ମାନଙ୍କ ସହାୟତା ନିମନ୍ତେ ଉଦ୍ଦିଷ୍ଟ ଏହି ଅଭିଯାନର ସଫଳ ରୂପାୟନ ପାଇଁ ବୁଥ ସ୍ତରୀୟ ଅଧିକାରୀ ଗାଁ କୁ ଗାଁ ଓ ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି। ଏହି ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ସହାୟତା କରିବା ପାଇଁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅଭିଯାନରେ ସାମିଲ ପୂର୍ବକ ସଚେତନତାସୃଷ୍ଟି କରିବେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ନିଜ କଲେଜରେ କିମ୍ବା ସ୍ଥାନୀୟ ଅଞ୍ଚଳରେ କିପରି ସଚେତନତା ସୃଷ୍ଟି କରିବେ ସେନେଇ ବୁଝାଇଥିଲେ। ଯେପରି ଅଧିକରୁ ଅଧିକ ସଂଖ୍ୟକ ନୂଆ ଭୋଟର ନାମ ପଞ୍ଜିକୃତ କରି ପାରିବ ସେ ନେଇ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟତମ ଅତିରିକ୍ତ ଶ୍ରୀ ଭାସ୍କର ରଇତ ମିତା ଭାବରେ ଆଜି ଦାୟିତ୍ୱ ନେଇଥିବା ଛାତ୍ରୀ ମାନଙ୍କୁ କହିଥିଲେ ଯେ ପବିତ୍ର କାମରେ ଆପଣ ମାନଙ୍କୁ ନିୟୋଜିତ କରାଯାଉଛି କ୍ଷ ଆଜିଠାରୁ ଆପଣ ମାନେ କୌଣସି ରାଜନୈତିକ ଦଳ ସହିତ ସାମିଲ ହେବେ ନାହିଁ ଯଦି ସାମିଲ ହେବାକୁ ଚାହୁଁଛନ୍ତି ତାହାହେଲେ ମିତା ଛାଡିବାକୁ ପଡିବ କ୍ଷ ଏଥିରେ ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ଭିମସେନ ଶବର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହିତ ମୁଁ ବି ହେବି ମିତା ଅଭିଯାନ ସମ୍ପର୍କରେ ବୁଝାଇଥିଲେ କ୍ଷ କାର୍ଯ୍ୟକ୍ରମର ସଂସାଧନ ସଭ୍ୟ ଶ୍ରୀ ନୀଳାଞ୍ଚଳ ମିଶ୍ର ମୋବାଇଲରେ ଥିବା ଭୋଟର ହେଲ୍ପ ଲାଇନଆପ୍ ମାଧ୍ୟମରେ କିପରି ନାମ ପଞ୍ଜିକରଣ କରାଯିବା ସହ ସଂଶୋଧନ ଓ ସ୍ଥାନାନ୍ତରିତ କରାଯିବ ସେ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଶ୍ରୀ ନାରାୟଣ ମିଶ୍ର,ଆସିଷ୍ଟାଣ୍ଟ କଲେକ୍ଟର(ନିର୍ବାଚନ) ଉପଜିଲ୍ଲାପାଳଙ୍କ କାର୍ଯ୍ୟକ୍ଷଳୟ ପ୍ରଫୁଲ୍ଲ କୁମାର ବେହେରା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବସନ୍ତ କୁମାର ପ୍ରଧାନସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।ରାୟଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଦଶ ଜଣ, ମହିଳା ମହାବିଦ୍ୟାଳୟର ଦଶ ଜଣ ମାଣିକେଶ୍ୱରୀ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇ ଜଣ ଓ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାଞ୍ଚ ଜଣ, ଦେବଗିରି ଡିଗ୍ରୀ କଲେଜରୁ ଆଠ ଜଣ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୋଲନରାରୁ ପାଞ୍ଚ ଜଣ ଏପରି ଶତଚାଳିଶି ଜଣ ମିତା ଯୋଗଦେଇଥିଲେ । ଜିଲ୍ଲାରେ ମୋଟ ଷୋହଳ ଗୋଟି ମହାବିଦ୍ୟାଳୟରୁ ଏକ ଶହ ଜଣ ମିତାଙ୍କୁ ରାଜ୍ୟ ନିର୍ବାଚନ ଆୟୋଗର ନିର୍ଦ୍ଦେଶ କ୍ରମେ ଚିହ୍ନଟ କରାଯାଇଥିବା ବେଳେ ଅବଶିଷ୍ଟ ଛାତ୍ରୀଙ୍କୁ ଆଜି ଗୁଣୁପୁର ଠାରେ ଆନୁଷ୍ଠାନିକ ଭାବେ ଏହି ଦାଇତ୍ୱ ପ୍ରଦାନ କରାଯାଇଥିବା ଡେପୁଟି କଲେକ୍ଟର ନାରାୟଣ ମିଶ୍ର କହିଛନ୍ତି । ଜିଲ୍ଲାରେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ଏକ ନିର୍ଭୁଲ ଓ ତ୍ରୁଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବ୍ୟାପକ ଜଣ ସଚେତନତା ଜରୁରୀ ବୋଲି ଜିଲ୍ଲାପାଳ ସ୍ୱଧାଦେବ ସିଂ କହିଛନ୍ତି ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନଓ୍ୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନଓ୍ୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନଓ୍ୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ ଲଢୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଛକ୍ଷଣ୍ଡ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତ ଯୋଡ଼ ପଦଯାତ୍ରାର ୧ବର୍ଷ ପୂର୍ତ୍ତି ଉତ୍ସବ ପାଳିତ



ଭୁବନେଶ୍ୱର,(ପି.ଏନ): ଆଜି ପ୍ରଦେଶ କଂଗ୍ରେସ ପକ୍ଷରୁ ଜନନାୟକ ରାହୁଲ ଗାନ୍ଧୀଙ୍କ ଐତିହାସିକ ଭାରତ ଯୋଡ଼ ଯାତ୍ରାର ୧ବର୍ଷ ପୂର୍ତ୍ତି ଓଡ଼ିଶା ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପାଳନ କରାଯାଇଛି। ଏହି ଉପଲକ୍ଷେ ଅପରାହ୍ନରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ଶ୍ରୀଯୁକ୍ତ ଗାନ୍ଧୀଙ୍କର ପଦଯାତ୍ରା ସମ୍ବଳିତ ଫଟୋ ପ୍ରଦର୍ଶନୀକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପରେ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପଦଯାତ୍ରା କଂଗ୍ରେସ ଭବନରୁ ବାହାରି ଇନ୍ଦିରା ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ଯାଇଥିଲା ସେଠାରେ କଂଗ୍ରେସ ନେତୃବୃନ୍ଦ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରେ ଆୟୋଜିତ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ। ୭ ସେପ୍ଟେମ୍ବର ୨୦୨୨ ଅର୍ଥାତ ଆଜିର ଦିନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ ଯାତ୍ରର ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାରେ ଶ୍ରୀଯୁକ୍ତ ଗାନ୍ଧୀ କନ୍ୟାକୁମାରୀ ରୁ କାଶ୍ମିର ପର୍ଯ୍ୟନ୍ତ ପ୍ରାୟ ୪୦୦୦ କିଲୋମିଟର ପଦଯାତ୍ରା କରି ଇତିହାସ ରଚିଥିଲେ। ଭାରତରେ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥାର ସୁଧାର ପାଇଁ ଏହି ଭାରତ ଯୋଡ଼ ଯାତ୍ରା ଅଭିପ୍ରେତ ଥିଲା। ଏହି ଯାତ୍ରା ଭାରତବାସୀଙ୍କ ମନରେ ବିପ୍ଳବର ବହ୍ନି ସଂଯୋଗ କରିଛି। ହିଂସା, ଘୃଣା, ଜାତିବାଦ, ଧାର୍ମିକ ଅସହିଷ୍ଣୁତା, କୁଶାସନ, ଗଣତନ୍ତ୍ର ଉପରେ ଆକ୍ରମଣ ଏବଂ ସାମ୍ବିଧାନିକ ଅନୁଷ୍ଠାନର କ୍ଷମତାକୁ ହ୍ରାସ କରିବା ବିରୁଦ୍ଧରେ ଯେଉଁ ସଂଗ୍ରାମ ହୋଇଥିଲା ସେ ସଂଗ୍ରାମର ନାମ ହେଉଛି ଭାରତ ଯୋଡ଼ ଯାତ୍ରା। ଏହି ଯାତ୍ରାରେ କେବଳ ରାଜନୈତିକ ବ୍ୟକ୍ତି ନୁହଁନ୍ତି ଛାତ୍ର, ଯୁବକ, ମହିଳା, ଚାଷୀ, ଲେଖକ, ଚଳଚିତ୍ର ତାରକା, ସମାଜସେବୀ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଭାରତ ଯୋଡ଼ ଯାତ୍ରା ହେଉଛି ଏ ଦେଶର ସାଧାରଣଜନତାଙ୍କ ସ୍ୱର। ଶ୍ରୀ ପଟ୍ଟନାୟକ କହିଥିଲେ ଯେଉଁମାନେ ଦେଶରେ ଘୃଣାବାଂଟୁଛନ୍ତି, ଗଣତନ୍ତ୍ରର ହତ୍ୟା କରୁଛନ୍ତି, ଜନସାଧାରଣଙ୍କ ମଧ୍ୟରେ ଧର୍ମନାମରେ ଦଙ୍ଗା କରିବାକୁ ଚେଷ୍ଟା କରୁଛନ୍ତି ସେମାନଙ୍କ ଠାରୁ ଦୂରେଇ ରହିବା ପାଇଁ ଯେ ରାହୁଲ ଗାନ୍ଧୀ ଘୃଣାର ବଜାରରେ ପ୍ରେମର ଦୋକାନ ଖୋଲିବାପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଆମ ରାଜ୍ୟ ଓଡ଼ିଶାରେ ଭାରତ ଯୋଡ଼ ଓଡ଼ିଶା ପରିବର୍ତ୍ତନ ଯାତ୍ରା ଓଡ଼ିଶାର ୨୭ଟି ଜିଲ୍ଲା ୧୯ଟି ସଂସଦୀୟ କ୍ଷେତ୍ର ଦେଇ ୨୨୫୦ କି.ମି. ଅତିକ୍ରମ କରିଛି। ପାଖାପାଖି ୧୦୦ ଦିନରୁ ଅଧିକ ଦିନ ଧରି ଏହି ଯାତ୍ରା ଚାଲିଥିଲା। ଓଡ଼ିଶାର ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ରୋଜଗାର ସମସ୍ୟା, ଗରିବ, ଖଟିଖିଆ, ଶ୍ରମିକ ସ୍ୱଳ୍ପଆୟକାରୀ ବର୍ଗ, ନିମ୍ନ ମଧ୍ୟବିତ ଓ ମଧ୍ୟବିତ ବର୍ଗଙ୍କ ସ୍ୱାର୍ଥପାଇଁ ଏ ଯାତ୍ରା ଥିଲା। ମୁଦ୍ରାସ୍ଫିତି, ଦରଦାମ ବୃଦ୍ଧି, ମନଇଚ୍ଛା ଜିଏସଟି ଅତ୍ୟବଶକୀୟ ଦ୍ରବ୍ୟ ଉପରେ ଲାଗୁ କରିବା, ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସର ଅହେତୁକ ଦରଦାମ ବୃଦ୍ଧି ସହିତ କୃଷିଜାତ ସାମଗ୍ରୀର ଅଭାବିବୀକ୍ରି, କୃଷକର ଆୟ ଆଜି ସର୍ବନିମ୍ନ ସାରା ଭାରତ ବର୍ଷରେ ଏ ସମସ୍ତ ଘଟଣାକୁ ନେଇ ଆଜି ଏହି ଯାତ୍ରା। ଏ ଯାତ୍ରା ରାଜ୍ୟର ମହିଳା, ଓ ଶିଶୁମାନଙ୍କ ଉପରେ ହେଉଥିବା ବର୍ଦ୍ଧିତ ଅତ୍ୟାଚାର, ହିଂସା, ଦୁଷ୍କର୍ମ ବିରୋଧରେ। ରାଜ୍ୟର ଆଇନଶୃଙ୍ଖଳା ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ସରକାରୀ ବାବୁମାନେ ନିରପେକ୍ଷତା ଅବଲମ୍ବନ କରିବା ପରିବର୍ତ୍ତେ ପକ୍ଷଧର ହେଉଛନ୍ତି। ଏହା ଦ୍ୱାରା ଆଜି ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ ସବୁ ଦିନକୁ ଦିନ ଦୁର୍ବଳ ହୋଇଯାଉଛି। ପ୍ରତିଦିନ ନାରୀ ନିର୍ଯ୍ୟାତନା, ଦୁଷ୍କର୍ମ, ହତ୍ୟା ଏ ସବୁ ନିତିଦିନିଆ ଘଟଣା ହୋଇଗଲାଣି। ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଆଜି ସଂପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ଦୀର୍ଘ ବର୍ଷର ଶାସନ ଭିତରେ ଯେତେଗୁଡ଼ିଏ ପ୍ରତିଶୃତି ଦେଇଥିଲେ ଗୋଟିଏ ବି ପ୍ରତିଶୃତି ପୂରଣ ହୋଇପାରିଲା ନାହିଁ। ୨୦୦୦ ମସିହା ପାଖରୁ ନବୀନ ସରକାର ଯୁବକ ମାନଙ୍କ ଠାରୁ ଆରମ୍ଭ କରି ମହିଳାମାନଙ୍କ ପର୍ଯ୍ୟନ୍ତ ଯେତେସବୁ ପ୍ରତିଶୃତି ଦେଇଥିଲେ ଆଜି ସେସବୁ ବୃଥା ଆସ୍ୱାଳନ ବୋଲି ଲୋକମାନେ ଜାଣିସାରିଲେଣି। ଆଗାମୀ ନିର୍ବାଚନରେ ଜନସାଧାରଣ ଉଚିତ ଜବାବ ଦେବେ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଡ. ଯୁଧିଷ୍ଠୀର ଜେନା, ଲଲାଟେନ୍ଦୁ ମହାପାତ୍ର, କିଶୋର ଜେନା, ବିଶ୍ୱଜିତ ଦାଶ, ନବଜ୍ୟୋତି ପଟ୍ଟନାୟକ, ଚିନ୍ମୟ ସୁନ୍ଦର ଦାସ, ମନୋରନ ଦାଶ, ବନ୍ଦିତା ପରିଡ଼ା, ୟାସିର ନଓ୍ୱାଜ, ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି, ମାନସ ଆଚାର୍ଯ୍ୟ, ପ୍ରଶାନ୍ତ ଚମ୍ପତି, ବିସ୍ମୟ ମହାପାତ୍ର, ପ୍ରଦୀପ ମହାପାତ୍ର, ଅମିୟ ପଟ୍ଟନାୟକ, ମୋହନ ଜେନା, ତରୁଣ ମିଶ୍ର, ରଶ୍ମି ମହାପାତ୍ର, ପ୍ରଣତୀ ମିଶ୍ର, ବାଙ୍କନିଧି ବେହେରା, ସଂଜୟ ତ୍ରିପାଠୀ, ସତ୍ୟବ୍ରତ ନାୟକ, ଜୟନ୍ତ ମହାନ୍ତି, ଜିଆଉଲ ହକ, ଏମଡି ଶାହାନଓ୍ୱାଜ, ଅଶୋକ ଦାସ, ଗୀତାଳି ମହାନ୍ତି, ପ୍ରଭାତ ପ୍ରତାପ ସିଂ, କୁସୁମ ପ୍ରଧାନ, ଅପର୍ଣ୍ଣାଧୀର ସିଂ, ମଧୁସ୍ମିତା ଆଚାର୍ଯ୍ୟ, ନରୋତମ ନାୟକ, ମାନସ ମଲ୍ଲିକ, ଜୟଶ୍ରୀ ପାତ୍ର, ରାଜକିଶୋର ବାରିକ, ମିହିର ଅଚାର୍ଯ୍ୟ, ଦୀପକ କୁମାର ମହାପାତ୍ର, ସୁଭାଷ ପ୍ରଧାନ, ଜିତେନ୍ଦ୍ର ପଣ୍ଡା, ଜୟକୃଷ୍ଣ ସୁବୁଦ୍ଧି, ଜାନକୀ ମଲ୍ଲିକ, ସିଲି ସେଠୀ, ଉର୍ବଶ୍ରୀ ମିଶ୍ର, ଅଜୟ ସାହୁ, ରଣଜିତ ପାତ୍ର, ବିଂରଚି ନାୟକ, ମଧୁସ୍ମିତା ଆଚାର୍ଯ୍ୟ, ମିତ୍ରଭାନୁ ମହାପାତ୍ର, ବିନୁ ପାଣି, ସୁଧାଂଶୁ ମହାନ୍ତି, ପ୍ରଶନ୍ନ ନାୟକ, ସୌମେନ୍ଦ୍ର ମହାନ୍ତି, ଏମଡି ଶାହାଦୁଲ୍ଲା, ଖଗେଶ୍ୱର ମଲ୍ଲିକ, ପ୍ରଶନ୍ନ ପାଇକରାୟ, ଦୀପ୍ତିରାଣୀ ପ୍ରଧାନ, କଳ୍ପନା ପଣ୍ଡା, ସେକ ତାକଓ୍ୱିମ, ଉଦ୍ଦିତ ପ୍ରଧାନ, ସଂକୁନା କହଁର, ଅକ୍ଷୟ ଦାସ, ବଟକୃଷ୍ଣ ରାଉତରାୟ, ଦେବେନ୍ଦ୍ର ଦାସ ପ୍ରମୁଖ ବହୁ ନେତୃବୃନ୍ଦ ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲା ସଦରମହକୁମା ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୧ବର୍ଷ ପୂର୍ତ୍ତି ପଦଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ପିସିସି ପକ୍ଷରୁ ନିଯୁକ୍ତି ପର୍ଯ୍ୟବେକ୍ଷକମାନେ ଜିଲ୍ଲା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସଫଳ କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରେସବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।




# ମହିଳା ଉଦ୍ୟୋଗୀମାନଙ୍କର ଜିନ୍ଦଲ ଷ୍ଟେନଲେସ ICD ପରିଦର୍ଶନ

ଦାନଗଦି (ପି ଏନ୍) :- MSME (ଓଡିଶା) ରେ ପଞ୍ଜୀକୃତ ମହିଳା (ରପ୍ତାନିକାରୀ) ଉଦ୍‌ଯୋଗୀମାନେ କଳିଙ୍ଗନଗର ଶିଳ୍ପ କ୍ଷେତ୍ର, ଦାନଗଦି ,ଯାଜପୁର ରେ ଅବସ୍ଥିତ ଜିନ୍ଦଲ ଷ୍ଟେନଲେସ ର ICD (ଇନଲ୍ୟାଣ୍ଡ କଣ୍ଟେନର ଡିପୋ )ପରିଦର୍ଶନ କରି JSL ଆଇସିଡି ଯାଜପୁର ମାଧ୍ୟମରେ ରପ୍ତାନି ପ୍ରକ୍ରିୟାକରଣ, କଷ୍ଟମ୍ସ କ୍ଲିୟରାନ୍ସ ର ସମ୍ଭାବନା ବିଷୟରେ ବୁଝିଥିଲେ। ପ୍ରାୟ ୨୫ ଜଣ ମହିଳା ଉଦ୍‌ଯୋଗୀ, ଗଝଗର (ସୁକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍‌ଯୋଗ) ର ମୁଖ୍ୟ ସଚ୍ଚିବ, ଶ୍ରୀଯୁକ୍ତ ଶାଶ୍ୱତ ମିଶ୍ର ଙ୍କ ନିର୍ଦ୍ଦେଶକ୍ରମେ ତା ୦୪/୦୯/୨୦୨୩ ରିଖ ରେ ଜିନ୍ଦଲ ଷ୍ଟେନଲେସ ର ଓଉଉ ପରିଦର୍ଶନ କରିଥିଲେ ଏବଂ ଜିନ୍ଦଲ ଷ୍ଟେନଲେସ ର ସିନିୟର ମ୍ୟାନେଜମେଣ୍ଟ ସହିତ ପାରସ୍ପରିକ ଆଲୋଚ଼ନା କରିଥିଲେ, ଯେଉଁଥିରେ ୟୁନିଟ ହେଡ୍, ଶ୍ରୀ ଦୀପକ ଅଗ୍ରୱାଲ ଏବଂ ଲଜିଷ୍ଟିକ୍ ହେଡ୍, ଶ୍ରୀ ଭି



ଭେଙ୍କଟେଶ୍ୱର ରାଓ ଉଦ୍‌ଯୋଗୀମାନଙ୍କୁ ସମ୍ବୋଧିତ କରିଥିଲେ। ମହିଳା ଉଦ୍‌ଯୋଗୀମାନେ ସେମାନଙ୍କର ଉତ୍ପାଦ ଗୁଡିକ ରପ୍ତାନି କରିବା ପାଇଁ ଓଉଉ ର ବ୍ୟବହାର କରିବା ପାଇଁ ବିଶ୍ୱ ବାଣିଜ୍ୟ କେନ୍ଦ୍ର (World Trade center) ର ଭୁବନେଶ୍ୱର ଶାଖା ମହିଳା ଉଦ୍ୟୋଗୀ ମାନଙ୍କୁ ଜଣାଇଥିଲେ ଏବଂ ଏହି ପରିଦର୍ଶନ କାର୍ଯ୍ୟକ୍ରମ କୁ ପରିଚ଼ାଳନା ମଧ୍ୟ କରିଥିଲେ । ଯେ ହେତୁ ଏହି ଗଝଗର ଉଦ୍ୟୋଗୀ ମାନେ ଏକା ଥରକେ କଣ୍ଟେନର ଭରିହେଲା ଭଳି ଉତ୍ପାଦ ରପ୍ତାନି କରିବାକୁ ଅସମର୍ଥ ତେଣୁ ସେମାନଙ୍କୁ ICD ଦ୍ୱାରା LCL (Less Than Container Load) ସୁବିଧା ବିଷୟରେ ଜଣାଇ ଦିଆଯାଇଥିଲା, ଯାହା ଦ୍ୱାରା ସମାନ ଗନ୍ତବ୍ୟ ସ୍ଥଳକୁ ଏକାଧିକ ଉଦ୍ୟୋଗୀ ସେମାନଙ୍କର ଉତ୍ପାଦ ଗୁଡିକୁ କଣ୍ଟେନର ରେ ରପ୍ତାନି କରିପାରିବେ ।

## ଦଳେଇପୁଟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ

ପଟାଙ୍ଗି,(ପିଏନ): କୋରାପୁଟ ଜିଲ୍ଲା ପଟାଙ୍ଗି ନିର୍ବାଚ଼ନ ମଣ୍ଡଳୀ ଅନ୍ତର୍ଗତ ନନ୍ଦପୁର ବ୍ଲକ ଅତଣ୍ଡା ଗ୍ରାମପଞ୍ଚାୟତ ଦଳେଇପୁଟ ଗ୍ରାମରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହେଇଯାଇଛି ।ଏହି ଆୟୋଜିତ ଟୁର୍ନାମେଣ୍ଟ ରେ ୧୬ ଗୋଟି ଟିମକୁ ଖେଳ ଆୟୋଜନ କରାଯାଇଥିଲା। ଶେଷରେ ଦୁଇ ଦଳ ଲମତାପୁଟ ଟିମ ଏବଂ ପାତ୍ରପଣ୍ଡି ଟିମ କୁ ଫାଇନାଲ ମ୍ୟାଚ଼ ଖେଳାଯାଇଥିଲା। ବିଜୟୀ ଦଳକୁ ୧୫ହଜାର ଏବଂ ପରାଜୟ ଦଳକୁ ୧୦ ହଜାର ଅର୍ଥ ରାଶି ପ୍ରଦାନ କରାଗଲା। ଏବଂ ଉଦଯାପିତ ସଭାରେ ମୁଖ୍ୟ ଅଥିତି ଭାବେ କଂଗ୍ରେସ ଦଳର ବିଧାୟକ ଆଶାୟୀ ପ୍ରାର୍ଥୀ ଶ୍ରୀ ସାମ୍ବା ପାଙ୍ଗି ଯୋଗ ଦେଇଥିଲେ ଏବଂ ଶ୍ରୀ ପାଙ୍ଗିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହିତ ପଡିଆ ମଞ୍ଚରେ ନେଇଥିଲେ ଏବଂ ତାଙ୍କ ସହିତ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଗୋପାଳ ମାଟାମ, ସ୍ଥାନୀୟ ସରପଞ୍ଚ ସହଦେବ ପାଙ୍ଗି, ସମିତି ସଭ୍ୟ ଡାଉଦ ଖରା,ସ୍ଥାନୀୟ ୱାର୍ଡ ସଭ୍ୟ ସଭ୍ୟା, ଏବଂ କଂଗ୍ରେସ କର୍ମୀ ସମନାଥ ବାଡମ,ଦିଗାମ୍ବର ଖେମୁଣ୍ଡୁ, ସଂଜିପ ଖରା, ଆନନ୍ଦ କୁଲଦୀପ, ଛାତ୍ର ସଭାପତି ଡମ୍ବରୁ ଗୁଣ୍ଡା,ଓ ସ୍ଥାନୀୟ କଂଗ୍ରେସ କର୍ମୀ ଗଣ, ଓ ଶତାଧିକ ଗ୍ରାମବାସି ଉପସ୍ଥିତ ଥିଲେ।

## ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁର ଆବଶ୍ୟକତା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ,(ପି.ଏନ):ପୁରୀର ଶରଧାବାଲିସ୍ଥିତ ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁର ଆବଶ୍ୟକତା ଉପରେ ଜିଲ୍ଲା ସ୍ତରୀୟ ଚତୁର୍ଥ ଆନ୍ତର୍ଜାତୀୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିରାଜଶଙ୍କର ରଥ ବାୟୁ ପ୍ରଦୂଷଣର କାରଣ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ଏଥି ସହିତ ସେ ସମସ୍ତଙ୍କୁ ବୃକ୍ଷରୋପଣ କରିବା ଏବଂ ସାଇକେଲ ଅବା ଇଲେକ୍ଟ୍ରିକ ସାଇକେଲ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।



ସୃଜନ ଦ୍ୱାରା ଆୟୋଜିତ ୨୯ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ତୃତୀୟ ସନ୍ଧ୍ୟା

# ଘରେ ଘରେ ରକ୍ଷାପଞ୍ଚମୀ ପୂଜା ଅନୁଷ୍ଠିତ

ନିମାପଡ଼ା ,(ପି. ଏନ )ଆଜି ଭାଦ୍ରବ ମାସ ର ପଞ୍ଚମୀ ତିଥି। ପୁରୀ ଶ୍ରୀ ମନ୍ଦିର ତଥା ଉପକୂଳ ଅଞ୍ଚଳ ର ଘରେ ଘରେ ଅନୁଷ୍ଠିତ ହୋଇଛି ରକ୍ଷାପଞ୍ଚମୀ ପୂଜା ।ଏହିଦିନ ପ୍ରତି ଘରେ ଦ୍ୱାରପୂଜା ନୀତି ଅନୁଷ୍ଠିତ ହୋଇଛି । ତାହାକୁ 'ରକ୍ଷାପଞ୍ଚମୀ' ପୂଜା କହନ୍ତି । ସାଧାରଣତଃ ଗୃହସ୍ଥମାନେ ସର୍ପ, ପଶୁ ଓ ଭୂତ, ପିଶାଚ଼ମାନଙ୍କଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହି ପୂଜାବିଧିର ଆୟୋଜନ କରିଥାନ୍ତି । ଏହି ପୂଜାର ଇଷ୍ଟଦେବ ହେଉଛନ୍ତି 'ବଟୁକ ଭୈରବ' । ସାଧାରଣତଃ, କେତେକ ଶିବ ମନ୍ଦିରର ଦ୍ୱାରଦେଶରେ ବଟୁକ ଭୈରବଙ୍କର ମୂର୍ତ୍ତି ସ୍ଥାପିତ ହୋଇଥିବା ଦେଖାଯାଏ । 'ଭୈରବ' ଶବ୍ଦର ଅର୍ଥ, ଯେ ଭରଣ (ବ୍ରହ୍ମାଣ୍ଡ)ର ରକ୍ଷକ । 'ଶିବପୁରାଣ' ରେ ବର୍ଣ୍ଣିତ ୬୪ ଭୈରବଙ୍କ ମଧ୍ୟରୁ ଏ ଅନ୍ୟତମ । ଚ଼ତୁର୍ଭୁଜ ଓ ତ୍ରିନେତ୍ର ବିଶିଷ୍ଟ ଏ ଏକ ଉଲଗ୍ନ ମୂର୍ତ୍ତି । କଟିସୂତ୍ର ଭାବରେ ତାଙ୍କର କଟିରେ ସର୍ପ ରହିଥାଏ । ସାଧାରଣତଃ ଶୂଳ, ସର୍ପ, ଡମ୍ବରୁ ଓ ମାଂସ ଖଣ୍ଡ ସେ ହସ୍ତରେ ଧାରଣ କରିଥାଆନ୍ତି । ତାଙ୍କ ସହିତ ଗଣେଶ ରହିଥାନ୍ତି । ବାହନ ଭାବରେ ଏକ କୁକୁର ତାଙ୍କ ନିକଟରେ ଥାଏ । ଚ଼ାରିପାଖରେ ପିଶାଚ଼ଗଣ ରହିଥାନ୍ତି । କଥିତ ଅଛି ଯେ, ଏହାଙ୍କୁ ପୂଜନ କରିବା ଦ୍ୱାରା ଗୃହସ୍ଥ ଭୟମୁକ୍ତ ହୋଇଥାନ୍ତି । ସେଥିପାଇଁ ସମସ୍ତେ ଗୃହର ପ୍ରବେଶ ଦ୍ୱାରରେ ଗଣେଶ ଓ ବାରିଦ୍ୱାରରେ ବଟୁକ ଭୈରବଙ୍କର ମୂର୍ତ୍ତି ଅଙ୍କନ କରନ୍ତି । ବଟୁକ ଭୈରବଙ୍କ ମନ୍ତ୍ରକୁ ଏକ ତାଳପତ୍ରରେ ଲେଖି କିଛି ଦୂବ ଓ ଅରୁଆ ଚ଼ାଉଳ ସହିତ ବାନ୍ଧି ଦ୍ୱାରବନ୍ଧରେ ଝୁଲାଇ ଦିଆଯାଏ । ଏହାପରେ ବ୍ରାହ୍ମଣ ଆସି ଯଥାରୀତି ବଟୁକ ଭୈରବଙ୍କୁ ଆବାହନ କରି ତାଙ୍କର ପୂଜା ସଂପନ୍ନ କରିଥାନ୍ତି । ରାତ୍ରି କାଳରେ ଗୃହସ୍ଥମାନେ ବିଭିନ୍ନ ଅନ୍ନ ବ୍ୟଞ୍ଜନ ରାନ୍ଧି ବାରିଦୁଆର ପାଖରେ ପଶୁ ପକ୍ଷୀ, ସର୍ପ ଓ ପିଶାଚ଼ମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରନ୍ତି । ବିଶ୍ୱାସ ରହିଛି ଯେ, ରକ୍ଷା ପଞ୍ଚମୀ ପୂଜା ଦ୍ୱାରା ଘର କୁ କୌଣସି ପ୍ରାକୃତିକ ବିପଦ ପଡ଼ି ନଥାଏ ଓ ଭୂତ, ପିଶାଚ଼ ମାନେ ଘରକୁ ପ୍ରବେଶ କରିପାରି ନଥାନ୍ତି।

# ନାବାଳିକାକୁ ନିର୍ଯ୍ୟାତନା ଦେଇ ଯୁବକ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଂଚଳରେ ସ୍କୁଲ ଯାଉଥିବା ଜଣେ ନାବାଳିକଙ୍କୁ ନିର୍ଯ୍ୟାତନା ଓ ଅଶ୍ଳିଳ ଇନଗିତ କରିବା ଅଭିଯୋଗରେ ପୁଲିସ ଯୁବକକୁ ଗିରଫ କରିଛି । ସୂଚନା ମୁତାବକ ସ୍ଥାନୀୟ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ଗତ ୨୫ ତାରିଖରେ ସ୍କୁଲ ଯିବା ସମୟରେ ତାଙ୍କ ପଡୋଶୀ କାବୁଲ ଭୂୟାଁ (୩୪) ଏକୁଟିଆ ପାଇ ତାଙ୍କୁ ଅଶ୍ଳିଳ ଇଙ୍ଗିତ କରିବା ସହିତ ଟଣା ଓଟରା କରିଥିଲେ। ଏସମ୍ପର୍କରେ ଘରେ କାହାକୁ କହିଲେ ଜୀବନରୁ ମାରିଦେବ ବୋଲି ଯୁବକ ଜଣକ ଧମକ ଦେଇଥିଲା । କିଛି ଦିନ ପରେ ଏସମ୍ପର୍କରେ ନାବାଳିକାର ମଆ ଜାଣିବା ପରେ ଜେନାପୁର ଥନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ୨୨୪/ ୨୩ରେ ଏକ କେଶ ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ କାବୁଲାକୁ ଆଜି ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି।

## ଧର୍ମଶାଳା ପବ୍ଲିକ୍ ସ୍କୁଲରେ +୨ ବିଜ୍ଞାନ ଖୋଲିଲା

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍ ଜାରକା ପଂଚାୟତ ଶଂଖାରିଡ଼ିହ ମୌଜାସ୍ଥିତ ଧର୍ମଶାଳା ପବ୍ଲିକ୍ ସ୍କୁଲରେ ଚଳିତ ବର୍ଷ +୨ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ସ୍ୱୀକୃତି ମିଳିଛି । ଏଠାରେ ସିବିଏସ୍‌ଇ ଢାଂଚାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସ୍କୁଲ ପକ୍ଷରୁ +୨ ବିଜ୍ଞାନ ଶ୍ରେଣୀ ଖୋଲିବାକୁ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଥିଲା । ଏଠାରେ ଉନ୍ନତ ଭିତିଭୂମି ଓ ଶୈକ୍ଷିକ ବାତାବରଣ ରହିଥିବାରୁ ଏହି ସ୍କୁଲରେ +୨ ବିଜ୍ଞାନ ଶ୍ରେଣୀ ଖୋଲିବାକୁ କେନ୍ଦ୍ରୀୟ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପତ୍ର ସଂଖ୍ୟା - ସିବିଏସ୍‌ସି୧୫୩୦୨୯୮ଏସ୍‌ଏସ୍-୯୦୬୭୧/୭.୯.୨୩ରେ ସ୍ୱୀକୃତି ପ୍ରଦାନ କରିଛି । ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ବିଷୟରେ ମୋଟ ୧୨୮ଟି ସିଟ୍ ମୁର ହୋଇଥିବା ଅଧ୍ୟକ୍ଷ ସବିତ୍ରୋ ତ୍ରିପାଠୀ (ନନ୍ ଓଡ଼ିଆ ଲୋକ, ନାଁ ବଦଳାଇବେ ନାହିଁ) ସୂଚନା ଦେଇଛନ୍ତି । ଧର୍ମଶାଳା ଅଂଚଳର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱଳ୍ପ ଖର୍ଚ୍ଚରେ +୨ ବିଜ୍ଞାନ ପଢ଼ିବା ସହିତ ମେଡିକାଲ କୋଚିଂ ଦିଆଯିବ ବୋଲି ସ୍କୁଲର ପ୍ରତିଷ୍ଠାତା ପ୍ରାଧ୍ୟାପକ ଡ. ଭିକାରୀ ଚରଣ ସାମଲ ସୂଚନା ଦେଇଛନ୍ତି ।

# ଜାତୀୟ ଟାଏକୋଣ୍ଡୋରେ ପୁରୀ ଖେଳାଳୀଙ୍କ ସଫଳତା

ପୁରୀ,(ପି.ଏନ):ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ଟାଏକୋଣ୍ଡୋ ଖେଳାଳୀଙ୍କୁ ଗୁରୁବାର ପୂର୍ବାହ୍ନରେ ତାଙ୍କ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏଥିରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଉପସ୍ଥିତ ରହିଥିଲେ । ରାଚିଂସ୍ଥିତ ହରିବଂଶ ତାନା ଭଗତ ଇଣ୍ଡୋର ଷ୍ଟାଡିୟମରେ ସେପ୍ଟେମ୍ବର ମାସ ୨ତାରିଖରୁ ୪ତାରିଖ ପର୍ଯ୍ୟନ୍ତ ୨ୟ ଭଗବାନ ବିର୍ସା ମୁଣ୍ଡା ଟ୍ରଫି ଓ ୧୪ତମ ଓପନ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଚମ୍ପିୟାନସିପରେ ୨ଗୋଟି ଇଭେଂଟ ଯଥା କିରୋଗୀ ଓ ପୁମସି ଇଭେଂଟରେ ପ୍ରତିଯୋଗିତା ହୋଇଥିଲା। ପୁରୀ ଟାଏକୋଣ୍ଡୋ ସଂଘ ପକ୍ଷରୁ ୭ଜଣ ବାଳିକା ଏବଂ ୮ଜଣ ବାଳକଙ୍କୁ ମିଶାଇ ସମୁଦାୟ ୧୫ଜଣ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରୀ ପ୍ରତିଯୋଗୀ ଆଦ୍ୟାଶା ସାମନ୍ତରାୟ ଗୋଟିଏ ରୌପ୍ୟ ଏବଂ ଜାତବେଦ ତ୍ରିପାଠୀ,ଆରାଧ୍ୟା କର,ଶୁଭଶ୍ରୀ ଶୁଭସ୍ମିତା ତ୍ରିପାଠୀ, ଅର୍ପିତା ପ୍ରୀୟଦର୍ଶିନୀ ପ୍ରଧାନ ଏବଂ ପ୍ରିୟାଙ୍କା ବଡଜେନା ପ୍ରମୁଖ ଗୋଟିଏ ଲେଖାଁଏ କାଂସ୍ୟ ପଦକ ଜିତିଥିବାର ଜଣା ପଡିଛି। ଅନ୍ୟ ପକ୍ଷରେ ଓଡିଶା ଟିମ ଦ୍ୱିତୀୟ ଉପ-ବିଜେତା ଟ୍ରଫି ଜିତି ଥିବାର ସୂଚନା ମିଳିଛି। ପୁରୀରୁ ୨ଜଣ ଜାତୀୟ ରେଫରୀ ପାୟଲ ବଡଜେନା ଏବଂ ଆରିଆନ ନାୟକ ଏହି ଜାତୀୟ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ,କୋଚଭାବେ ମିଥୁନ କୁମାର ସାହୁ ଟିମ ସହ ଯୋଗଦାନ କରିଥିଲେ ବୋଲି ସୂଚନା ମିଳିଛି।

# ଜେନାପୁର କଲେଜର ରୁପାନ୍ତୀକରଣ ପାଇଁ ୧ କୋଟିର ଅନୁଦାନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର +୨ ମହାବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟର ରୁପାନ୍ତୀକରଣ ପାଇଁ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କା ମୁର କରାଯାଇଛି । +୨ ମହାବିଦ୍ୟାଳୟ ପାଇଁ ୫୦ ଲକ୍ଷ ଟଙ୍କା ମୁର ହୋଇଥିବା ବେଳେ ଡିଗ୍ରୀ କଲେଜ ପାଇଁ ୫୦ ଲକ୍ଷ ଟଙ୍କା ମୁର କରାଯାଇଛି । ଏହି ଅର୍ଥରେ କଲେଜରେ ସ୍ମାର୍ଟ କ୍ଲାସ କରାଯିବା ସହ ଭିତିଭୂମିର ବିକାଶ କରାଯିବ ବୋଲି ଜଣାଯାଇଛି । ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ଥିବା ସମସ୍ତ କଲେଜର ଭିତିଭୂମିର ବିକାଶ ପାଇଁ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉଦ୍ୟମ ଚଳାଇଛନ୍ତି । ଗତ ୩୧ ତାରିଖରେ ଧର୍ମଶାଳା ଗସ୍ତରେ ୫ଟି ସଚିବ ଭିକେ. ପାଣ୍ଡିଆନ ଆସି ଏହି ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ସମସ୍ତ କଲେଜକୁ ଅନୁଦାନ ଘୋଷଣା କରିଥିଲେ । ଏହିକ୍ରମରେ ଜେନାପୁର +୨ କଲେଜକୁ ୫୦ ଲକ୍ଷ ଓ ଜେନାପୁର +୩ କଲେଜକୁ ୫୦ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଥିଲେ । ନିର୍ଦ୍ଧରିତ ସମୟରେ ଯେଉଁ ମାନେ କାର୍ଯ୍ୟ ସମାପନ କରିବେ ସେମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯିବ ବୋଲି ଶ୍ରୀ ପାଣ୍ଡିଆନ ଘୋଷଣା କରିଥିଲେ । ଏହି ଅର୍ଥ ରାଶି ମୁର ହେବା ପରେ କଲେଜର ପରିଚାଳନା କମିଟି ସମେତ +୨ କଲେଜ ଅଧ୍ୟକ୍ଷ ରବିନ୍ଦ୍ର କୁମାର ଦାଶ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷ ଚିତ୍ତରଂଜନ ଶତପଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକ ଶ୍ରୀ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ମଙ୍ଗଳା ମନ୍ଦିରରେ କୃଷ୍ଣଜନ୍ମ ନୀତି ଅନୁଷ୍ଠିତ

କାକଟପୁର,(ପି.ଏନ), କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଅବସରରେ କୃଷ୍ଣଜନ୍ମ ନୀତି ମହାଶମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ବେଢାରେ ଥିବା ପତିତପାବନଙ୍କ ମନ୍ଦିରରେ ଶ୍ରୀକୃଷ୍ଣ ଙ୍କ ବାଳଗୋପାଳ ପ୍ରତିମାକୁ ମନ୍ଦିର ସମ୍ମୁଖରେ ଏକ ଯମୁନା ନଦୀ ସ୍ୱରୂପ କାରାଯାଇ ବସୁଦେବ ଭାବେ ପୂଜାପଣ୍ଡା ସେବକ କୃଷ୍ଣଙ୍କୁ ନେଇ ଯିବାବେଳେ ପାଳିଆ ସେବକ ଉଗ୍ରେସନ ବେଶରେ ସଜ୍ଜିତ ହୋଇ ବସୁଦେବ ଙ୍କୁ



ଅଟକାଇବା ଓ ଲୀଳାମୟ କୃଷ୍ଣ ତାଙ୍କ ଚ଼ତୁର୍ଦ୍ଧାମୂର୍ତ୍ତି ଦର୍ଶନ କରାଇବା ପରେ ଉଗ୍ରେସନ ଙ୍କ ମୋହ ଭାଙ୍ଗିଥିଲା ଓ ସେ ପ୍ରଭୁଙ୍କୁ ଦର୍ଶନ କରିବା ପରେ ଉଗ୍ରେସନ ଙ୍କ ମୁଣ୍ଡରେ ପାଟଶାଢ଼ୀ ବନ୍ଧାଯାଇଥିଲା । ପୁରାଣ ବର୍ଣିତ ଏହି କଥା ଓ ଗାଥାକୁ ମନ୍ଦିରରେ ଅବତାରଣା କରାଯିବାପରେ ମନ୍ଦିରରେ ବହି ବୋଲାଯାଇ କୃଷ୍ଣ ଜନ୍ମନୀତି ପାଳିତ ହୋଇଥିଲା । ଶହ ଶହ ଶ୍ରଦ୍ଧାଳୁ ରାଶି ଲଡୁ ଓ ନଡ଼ିଆ ଫଳମୂଳ ଧରି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ ।

# ବଗିଚ଼ା ଏବଂ ଗେଟ ଲାଇଟ'ର ନୂତନ ସୋଲାରିୟନ ପରିସରର ଶୁଭାରମ୍ଭ ସହିତ ଆଉଟଡୋର ଲାଇଟ ସେଗମେଣ୍ଟରେ କ୍ରମ୍ପଟନ ପ୍ରବେଶ କରିଛି

ମୁମ୍ବାଇ,(ପି.ଏନ): ଏହାର ଅନନ୍ୟ ଯାତ୍ରା ମାଧ୍ୟମରେ ଗ୍ରାହକଙ୍କ ଅଭିଜ୍ଞତାକୁ ବଢାଇବା ପାଇଁ ଜଣାଶୁଣାକ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡ ଏହାର ନୂତନ ସୌନ୍ଦର୍ଯ୍ୟକରଣ ଏବଂ ବିଭିନ୍ନ ପ୍ରକାରର ବାହ୍ୟ ଆଲୋକ – ସୋଲାରିୟନ ବଗିଚ଼ା ଲାଇଟ ଆରମ୍ଭ କରିବାକୁ ଘୋଷଣା କରିଛି ।ଗୁଣବତ୍ତା, ଦୀର୍ଘସ୍ଥାୟୀ ସ୍ଥାୟୀତ୍ୱ ଏବଂ ଅଭିନବତ୍ୱର ୮୦ବର୍ଷର ଉତ୍ତରାଧିକାରର ଲାଭ ଉଠାଇ ବ୍ରାଣ୍ଡର ପ୍ରତିଜ୍ଞା ଏବଂ ସେବା ବହନ କରୁଥିବା ଏହି ନୂତନ ପରିସର ବାହ୍ୟ ସ୍ଥାନର ସୌନ୍ଦର୍ଯ୍ୟ ବଢାଇବା ପାଇଁ ପରିକଳ୍ପିତ । ନୂତନ ଆଲୋକୀକରଣ ବ୍ୟବସ୍ଥା ପାଣି ପ୍ରତିରୋଧି, ପାଣିପାଗ ପ୍ରତିରୋଧିଏବଂ କଳଙ୍କି ପ୍ରତିରୋଧି ହୋଇଥାଏ ଏବଂ ଗ୍ରାହକମାନେ ବାଛିବା ପାଇଁ ବିବିଧ ପରିସରରେ ଆସିଥାଏ, ଯାହା ଦ୍ୱାରା ଏହା ଆପଣଙ୍କ ପଥକୁ ଆଲୋକିତ କରିବା ଏବଂ ସମସ୍ତ ଋତୁରେ ଉଦ୍ୟାନର ସୌନ୍ଦର୍ଯ୍ୟକୁ ସୁସ୍ପଷ୍ଟ କରିବା ପାଇଁ ଏକ ଉପଯୁକ୍ତ ସମାଧାନ ଦେଇଥାଏ ।ଲୋକମାନେ ସେମାନଙ୍କର ଘର ବାହାର ସ୍ଥାନକୁ ବ୍ୟକ୍ତିଗତ ସୁରକ୍ଷିତ ଆଶ୍ରୟସ୍ଥଳୀରେ ପରିଣତ କରିବା ପାଇଁ ସମୟ ଏବଂ ପ୍ରୟାସ ବିନିଯୋଗ କରୁଥିବାରୁ ଘର ବାହାର ସ୍ଥାନର ସଜାସଜି ଅଧିକ ଧ୍ୟାନ ଆକର୍ଷଣ କରୁଛି ।ସୁସଜ୍ଜିତ ଘର ଅଗଣା ବ୍ୟବସ୍ଥା ଠାରୁ ଆରମ୍ଭ କରି ଜୀବନ୍ତ ବଗିଚ଼ା ପରିଦୃଶ୍ୟ ପର୍ଯ୍ୟନ୍ତଲୋକମାନେ ଆରାମ ଏବଂ ମନୋରଞ୍ଜନ ପାଇଁ ଏକ ଆମନ୍ତ୍ରଣକାରୀ ଏବଂ ଷ୍ଟାଇଲିସ ପରିବେଶ ସୃଷ୍ଟି କରିବାକୁ ଚ଼ାହୁଁଛନ୍ତି । ଘରର ବାହାର ସ୍ଥାନକୁ ଗୁରୁତ୍ୱ ଦେଉଥିବାଉଦ୍ୟାନ ଆଗ୍ରହୀମାନେ ନା କେବଳସେମାନଙ୍କର ଉଦ୍ୟାନର ସୌନ୍ଦର୍ଯ୍ୟକୁ ବଢାଉଥିବା ଆଲୋକର ସମାଧାନ ଖୋଜନ୍ତି ବରଂପୁରା ଋତୁରେଏହାର ରକ୍ଷଣାବେକ୍ଷଣରେ ନିଆଯାଇ ପାରିବା ସ୍ଥାୟିତ୍ୱ ପ୍ରଦର୍ଶନ କରୁଥିବା ସର୍ବାଧିକଯତ୍ନ ମଧ୍ୟ ଚ଼ାହିଁଥାନ୍ତି । ସେମାନଙ୍କର ଆବଶ୍ୟକତାକୁ ଗଭୀର ଭାବରେ ବୁଝିବା ସହିତ କ୍ରମ୍ପଟନ ସେମାନଙ୍କର ଘର ବାହାର ସାଜସଜ୍ଜା ଆଭିମୁଖ୍ୟକୁ ଜୀବନ୍ତ କରିବାରେ– ସମୟର କଷଟି ପଥରରେ ଉତ୍ତୀର୍ଣ୍ଣ ହୋଇପାରିବା ନିର୍ଭରଯୋଗ୍ୟ ଆଲୋକ ସମାଧାନ,ଏହାର ବିଭିନ୍ନ ସୋଲାରିୟନଉଦ୍ୟାନ ଲାଇଟଦ୍ୱାରା ଗ୍ରାହକମାନଙ୍କୁ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି । କ୍ରମ୍ପଟନ'ର ବାହ୍ୟ ଆଲୋକୀକରଣ ଧାରକରନୂତନ ପରିସରମଧ ଗ୍ରାହକମାନଙ୍କ ପାଇଁ ବାଛିବାକୁ ଏକ ବିବିଧ ବିକଳ୍ପ ଯାଚ଼ିଥାଏ ।ସେମାନେ ପ୍ଲାଷ୍ଟିକ ହେଉ କିମ୍ବା ଧାତୁର ଗେଟ-ସ୍ତମ୍ଭ ଏବଂ ଗାଡି ଆଡିବା ଖୁଣ୍ଟ ପସନ୍ଦ କରନ୍ତୁ, କ୍ରମ୍ପଟନରେ ବିଭିନ୍ନ ବଗିଚ଼ା ଶୈଳୀ ଏବଂ ପସନ୍ଦ ଅନୁଯାୟୀ ବିଭିନ୍ନ ପ୍ରକାରର ବିକଳ୍ପ ଉପଲବ୍ଧ ଅଛି । ସଂପୂର୍ଣ୍ଣ ପରିସର ଓଚ୬୫ ପ୍ରମାଣିତ ଜଳ-ପ୍ରତିରୋଧି ଅଟେ ଏବଂ ବଲ ଧାରକକୁ ଏକ ଦୀର୍ଘସ୍ଥାୟୀ କଳଙ୍କ-ପ୍ରତିରୋଧକ ଆବରଣରବୈଶିଷ୍ଟ୍ୟ ପ୍ରଦାନ କରିଥାଏ ଯାହା ସେମାନଙ୍କର ନିବେଶ ଋତୁ ଶେଷ ପର୍ଯ୍ୟନ୍ତ ଚ଼ାଲିବ ବୋଲି ମାନସିକ ଶାନ୍ତି ଗ୍ରାହକଙ୍କୁ ପ୍ରଦାନ କରିଥାଏ ।ଏହିପରି ଏକ ବିବିଧ ପରିସର ପ୍ରଦାନ କରିକ୍ରମ୍ପଟନ ଏହାର ବିଚ଼ାରବନ୍ତ ଗ୍ରାହକଙ୍କ ଅନନ୍ୟ ରୁଚ଼ି ଏବଂ ପ୍ରାଥମିକତାକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି ।

# ସ୍ୱାଧୀନତା ସଂଗ୍ରାମୀ ମାଗତା ପ୍ରଧାନ ଙ୍କ ଘର କଂକିଳିରୁ ଅମୃତ କଳସ ରେ ମାଟି ନେଇ ଆରମ୍ଭ ହେଲା ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

ତାଳଚେର,(ପି.ଏନ): ଶହୀଦ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆଗ୍ରହ କ୍ରମେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ସମଗ୍ର ଦେଶରେ ଆରମ୍ଭ ହୋଇଛି ।ଶହୀଦ ,ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବାସସ୍ଥାନ ଓ ଗ୍ରାମରୁ ଅମୃତ କଳସ ରେ ଭବ୍ୟ ପରିବେଶରେ ବୀର ମାଟି ସଂଗ୍ରହ କରାଯିବା ସହ ସମସ୍ତ ମାଟି ପୂର୍ଣ୍ଣ କଳସକୁ ଦିଲ୍ଲୀ ପଠାଯାଇ ସେଠାରେ ଅମୃତ ବାଟିକା ସ୍ଥାପନ କରାଯିବ ।ଆଜି ଗୁରୁବାର ତାଳଚେର କଂକିଳି ଗ୍ରାମର ସଇନାଳୀ ଠାରେ ଗ୍ରାମେଶ୍ୱରୀ ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମାଗତା ପ୍ରଧାନ ଙ୍କ ଘରୁ ଅମୃତ କଳସ ରେ ମାଟି ନିଆଯାଇ, ତାଙ୍କ ପରିବାର ର ସଦସ୍ୟ ତଥା ପୁତ୍ର ଶିକ୍ଷାବିତ ଲକ୍ଷ୍ମୀଧର ପ୍ରଧାନ ଙ୍କୁ ସମ୍ମାନିତ କରାଯାଇ ଅମୃତ କଳସ ଯାତ୍ରା ଆରମ୍ଭ କରାଯାଇଥିଲା ।ଏନ ଏସ ଆଇ ସି ର ଡାଇରେକ୍ଟର କାଳନ୍ଦି ସାମଲ ଏବଂ ବିଜେପି ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ ଆନୁଷ୍ଠାନିକ ଭାବେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ କୁ ଆରମ୍ଭ କରିଥିଲେ। ସବକା ସାଥ ,ସବକା ବିଶ୍ୱାସ, ସବକା ବିକାଶ, ସବକା ପ୍ରୟାସ ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଦେଶକୁ ଏକ ଭାରତ ଶ୍ରେଷ୍ଠ ଭାରତ କରିବା ପାଇଁ



ସଂକଳ୍ପ ବଦ୍ଧ ବୋଲି ଶ୍ରୀ ସାମଲ ଅମୃତ କଳସ ଯାତ୍ରାକୁ ଉଦଘାଟନ କରି ପ୍ରକାଶ କରିଥିଲେ ।ଭାରତ କୁ ବିଶ୍ୱଗୁରୁ କରିବା ପାଇଁ ସଦାସର୍ବଦା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ତ୍ତବ୍ୟ ରତ ବୋଲି ଡିଲେଶ୍ୱର ପ୍ରଧାନ ପ୍ରକାଶ କରିଥିଲେ ।ସ୍ୱାଧୀନତା ସଂଗ୍ରାମୀ ଙ୍କ ପରିବାର ର ସଦସ୍ୟ ତଥା ଗ୍ରାମର ବରିଷ୍ଠ ବ୍ୟକ୍ତି ଶିଖର ଚନ୍ଦ୍ର ପ୍ରଧାନ ଓ ରଙ୍ଗାଧର ପ୍ରଧାନ ଅମୃତ କଳସକୁ ମୁଣ୍ଡରେ ଧରି ଗ୍ରାମର ଘରକୁ ଘର ବୁଲି ବିର ମାଟି ସଂଗ୍ରହ କରିଥିଲେ ।ମାଟି କୁ ନମନ ଓ ବୀର କୁ ସମ୍ମାନ ,ଭବ୍ୟ ପରିବେଶରେ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଏହି ଯାତ୍ରାରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଥିଲେ ।ଉକ୍ତ ପଞ୍ଚାୟତ ର ସ୍ୱାଧୀନତା ସଂଗ୍ରାମୀ ମାଗତା ପ୍ରଧାନ ଙ୍କ ସମେତ ନୁହୁରା ପ୍ରଧାନ, ଘାସିଆ ପ୍ରଧାନ, ଘନ ସାହୁ, ଭିକାରୀ ସାହୁ, ଯଦୁ ପ୍ରଧାନ, ହଗୁରୁ ପ୍ରଧାନ, ରଘୁନାଥ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ବାଉରୀ ପ୍ରଧାନ, ହାଡ଼ିଆ ଦେହୁରୀ ,ସହର ସାହୁ ଓ ମହରଗା ଦେହୁରୀ ଙ୍କ ଘରକୁ ଯାଇ ମାଟି ଆଣିବା ସହ ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟ ଙ୍କୁ ସମ୍ମାନିତ କରାଯାଇଥିଲା ।ସମଗ୍ର ଗ୍ରାମରୁ ଘର ଘର ବୁଲି ବିର ମାଟି ସଂଗ୍ରହ କରାଯାଇଛି ।ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ, ମହିଳା ସଙ୍ଘ, ଯୁବକ ସଙ୍ଘ, ବିଭିନ୍ନ ଅନୁଷ୍ଠାନ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।ନରେଶ ଚନ୍ଦ୍ର ବେହେରା,,ପ୍ରକାଶ ମହାରଣା,ରତ୍ନାକର ସାହୁ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ,ପ୍ରଶାନ୍ତ ନନ୍ଦ, ନିରନ ପ୍ରଧାନ,ବିଭୁତି ସାହୁ,ବରୁଣ ସାହୁ, ନରେନ୍ଦ୍ର ସାହୁ, ଗୋପାଳି ସାହୁ, ଶୋଭାଗିନୀ ପ୍ରଧାନ,ଯସ୍ମୀନ ପ୍ରଧାନ, ମିଲ୍ଲୀ ପ୍ରଧାନ,ଦୀପ୍ତିପ୍ରଭା ମହାରଣା,ପମିତ୍ରା ପ୍ରଧାନ ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ ।ଉକ୍ତ କାର୍ଯ୍ୟକ୍ରମରେ କଂକିଳି ପଂଚାୟତ ର ପ୍ରାକ୍ତନ ସରପଞ୍ଚ ସୁଶା ପ୍ରଧାନ, ଖଇରା ପ୍ରଧାନ, କସ୍ତୁ ମହାଁ, ପାଣ୍ଡବ ମହାଁ, ସୁଶା ମହାଁ, ମୁନା ପ୍ରଧାନ, ସୁଧା ତୁଙ୍ଗ, ଗୋବିନ୍ଦ ସାହୁ, ଗୋବିନ୍ଦ ଦେହୁରୀ, ଚନ୍ଦନ ବିଶ୍ୱାଳ, ଲିପୁନ କୀ, ସୌମ୍ୟ ଶତପଥୀ,ମାନସ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅମୃତ କଳସ ଯାତ୍ରାରେ ଶହ ଶହ ସଂଖ୍ୟାରେ ଜନ ସାଧାରଣ ସାମିଲ ହୋଇଥିଲେ ।ଗ୍ରାମରେ ଭବ୍ୟ ବାତାବରଣ ଦେଖିବାକୁ ମିଳିଥିଲା ।

# ଗୁରୁଙ୍କୁ ପୂଜିଲେ ଶିଳ୍ପୀ ଛାତ୍ରଛାତ୍ରୀ



ଭୁବନେଶ୍ୱର,(ପି.ଏନ):ଧଉଳି ଚ଼ାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପାରମ୍ପରିକ ରୀତିରେ ପାଳନ କରିଛନ୍ତି ପବିତ୍ର ଗୁରୁ ଦିବସ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ମହାନ୍ ଗୁରୁ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଅବସରରେ ତାଙ୍କ ସ୍ମୃତି ଚ଼ାରଣ କରିଥିଲେ ।ମହାବିଦ୍ୟାଳୟର ଅଧାପକ ଅଧାପିକା ମାନେ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କ ଓ ପ୍ରକୃତ ଶିକ୍ଷ୍ୟା ବିଷୟରେ ଆଲୋକପାତ କରିଥିଲେ ।ଏକଲବ୍ୟ ପରି ନିଜ ଶିକ୍ଷାରେ ଏକାଗ୍ରତା ଓ ଏକନିଷ୍ଠ ରହିବା ଆବଶ୍ୟକ ବୋଲି ଗୁରୁଜୀବୃନ୍ଦ ମତପ୍ରକାଶ କରିଥିଲେ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Friday September 8, 2023 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟିକା



ଆସିକା ,(ପି.ଏନ):ଆସିକା ବ୍ଲକ ବାବନପୁର ପଞ୍ଚାୟତରେ ୩୦ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ବିଭିନ୍ନ ପ୍ରକଳ୍ପ ର ଆଜି ବିଧାୟିକା ମଞ୍ଜୁଳା ସ୍ୱାଇଁ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ ଗୁଡିକ ମଧ୍ୟରୁ ବାବନପୁର କାଳୀ ମନ୍ଦିର ମୁଖ୍ୟ ଗେଟ ସକାଶେ ୫ ଲକ୍ଷ ଟଙ୍କା , ବଜାର ଗୃହ ସକାଶେ ୧୦ ଲକ୍ଷ ଟଙ୍କା , ଲକ୍ଷ୍ମୀ ମନ୍ଦିର ସକାଶେ ୪ ଲକ୍ଷ ୫୦ ହଜାର ଟଙ୍କା , ବାବନ ପୁର କୁମ୍ଭାର ସାହି କୋଠ ଘର ସକାଶେ ୧ ଲକ୍ଷ ୫୦ ହଜାର ଟଙ୍କା,ବାବନ ପୁର ରଘୁନାଥ ମନ୍ଦିର ସକାଶେ ୪ ଲକ୍ଷ ଟଙ୍କା , ଗଣେଷ ମନ୍ଦିର ସକାଶେ ୨ ଲକ୍ଷ ଟଙ୍କା , ଗାଁ ଠାକୁରାଣୀ ମନ୍ଦିର କୁ ୫ ଲକ୍ଷ ୫୦ ହଜାର ଟଙ୍କା ,ପନ୍ଦରା ସାହି ରାସ୍ତା ସକାଶେ ୨ ଲକ୍ଷ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡ଼ି ସଭାପତି ନଚିକେତା ସ୍ୱାଇଁ,ଜିଲ୍ଲା ବିଜେଡ଼ି ଉପସଭାପତି ଦିଲ୍ଲୀପ କୁମାର ପାଣିଗ୍ରାହୀ, ବରିଷ୍ଠ ବିଜେଡ଼ି ନେତା ଭଗବାନ ସାହୁ,ଆସିକା ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା, ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଜୟନ୍ତୀ ବିଷୋୟୀ, କାଳଷଣ୍ଢପୁର ସରପଞ୍ଚ ଜୟନ୍ତୀ ବେହେରା, ବ୍ଲକ ବିଜେଡ଼ି ସଭାପତି ରାଜେଶ କୁମାର ପଟ୍ଟନାୟକ,ବରିଷ୍ଠ ବିଜେଡି ନେତା ଅଭିମନ୍ୟୁ ନାହାକ, ଜିଲ୍ଲାପରିଷଦ ପ୍ରତନିଧି ଅନିଲ କୁମାର ନାହାକ, ଜିଲ୍ଲା ପରିଷଦ ପ୍ରତିନଧି ବିଜୟ ନାହାକ,ଜିଲ୍ଲାପରିଷଦ ବି ମନୋଜ କୁମାର ଦୋରା,ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା,ବାବନପୁର ସରପଞ୍ଚ, ସମିତିସଭ୍ୟ ସମସ୍ତ ସରପଞ୍ଚ ସମିତି ସଭ୍ୟ ଦଳୀୟ ନେତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚ ବୈଠକ

ଚଣ୍ଡିଖୋଲ,(ପିଏନ): ବଡ଼ଚଣା ବରିଷ୍ଠ ନାଗରିକ ମଞ୍ଚର ତ୍ରୈମାସିକ ବୈଠକ ମହାବିନାୟକ ସଙ୍ଗୀତ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି ।ମଞ୍ଚର ସଭାପତି ପ୍ରଫେସର ବସନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ନିର୍ମଳଚନ୍ଦ୍ର ସାମଲଙ୍କ ପରିଚାଳନାରେ ପ୍ରଥମେ କବି ସ୍ୱର୍ଗତ ଜୟନ୍ତ ମହାପାତ୍ର ଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାଥନା କରାଯାଇଥିଲା ।କବିଙ୍କ କୀର୍ତ୍ତି ଓ ସ୍ମୃତି ଉପରେ ସଭ୍ୟମାନେ ଅଭିଭାଷଣ ରଖିବାପରେ ମଞ୍ଚର ଉଦେଶ୍ୟବରିଷ୍ଠ ନାଗରିକଙ୍କ ସୁରକ୍ଷା ,ଆୟବ୍ୟୟ, ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।ଆସନ୍ତା ବୈଠକରେ ସଂଘର ବାର୍ଷିକ ଉତ୍ସବ ନିମିତ୍ତ ନିଷ୍ପତ୍ତି ନିଆଯିବାକୁ ସ୍ଥିରୀକୃତ ହେଲା। ବୈଠକରେ ଅଜିତ ପ୍ରସାଦ ମିଶ୍ର, ପରମାନନ୍ଦ ସ୍ୱାଇଁ,ଅଦୈତ ଆଚାର୍ଯ୍ୟ, ପ୍ରଫୁଲ୍ଲ ସାମଲ, ପ୍ରସନ୍ନ ମହାରଣା, ଗୋଲଖ ସାମଲ,ବଟକୃଷ୍ଣ ସାମଲ,ଡ଼ ଅଜୟ କୁମାର ଲେଙ୍କାଙ୍କ ସମେତ ବହୁ ସଭ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ବହୁମୂଲ୍ୟ ମତ ରଖିଥିଲେ।

# ଚଣ୍ଡୀମନ୍ଦିରରେ ଜନ୍ମାଷ୍ଟମୀ ପାଳିତ



ଚଣ୍ଡିଖୋଲ,(ପିଏନ): ପର୍ଯ୍ୟଟନ କ୍ଷେତ୍ର ଚଣ୍ଡିଖୋଲ ସ୍ଥିତ ଚଣ୍ଡୀମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଛବ ମହାସମାରୋହରେ ପାଳିତ ହୋଇଯାଇଛି.ଦୀର୍ଘ ୯୦ ବର୍ଷଧରି ଏଠାରେ ଶ୍ରୀକୃଷ୍ଣଙ୍କ ଜନ୍ମଦିନରେ ଜନ୍ମାଷ୍ଟମୀ ପାଳନ କରାଯାଇଆସୁଅଛି.୧୯୩୩ ମସିହାରେ ବାବା ଭୈରବାନନ୍ଦ ବ୍ରହ୍ମଚାରୀ ଘଂଚ ଜଙ୍ଗଲ ଭିତରେ ମା ଚଣ୍ଡିଙ୍କ ମନ୍ଦିର କରି ପୂଜାର୍ଚ୍ଚନା କରୁଥିଲେ.ସେହିଦିନ ଠାରୁ ବାବାଙ୍କ ମହାପ୍ରୟାଣ ପର୍ଯ୍ୟନ୍ତ ଚଣ୍ଡୀମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ପାଳିତ ହୋଇଆସୁଛି ।ବାବାଙ୍କ ମହାପ୍ରୟାଣ ପରେ ଟ୍ରଷ୍ଟି ବୋର୍ଡ ଦ୍ୱାରା ଏହି ଉଛବଟି ପାଳିତ ହେଉଅଛି ।ବ୍ରାହ୍ମଣ ସନ୍ତୋଷ କୁମାର ପାଢ଼ୀ,ଆନନ୍ଦ ପଣ୍ଡା ଭଗବାନ କୃଷ୍ଣଙ୍କର ପୂଜାର୍ଚ୍ଚନା କରିବା ସହ ଅଖଣ୍ଡ ନାମ ଯଜ୍ଞର ଶୁଭାରମ୍ଭ କରିଥିଲେ.ଟ୍ରଷ୍ଟି ବୋର୍ଡର ସଭ୍ୟ ବ୍ରଜ କିଶୋର ଜେନା,ଶେଷଦେବ ନାୟକ,ସତ୍ୟବାନ ନାୟକ,ଅନନ୍ତ କୁମାର ବେହେରା, ବିନାୟକ ସାହୁ,ସାମ୍ବାଦିକ ଶିବରାମ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ.ଏଥିରେ ଆଖପାଖର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁର ଆବଶ୍ୟକତା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ

ପୁରୀ, (ପି.ଏନ):ପୁରୀର ଶରଧାବାଲିସ୍ଥିତ ଭୋଳାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୀଳ ଆକାଶ ପାଇଁ ସ୍ୱଚ୍ଛ ବାୟୁର ଆବଶ୍ୟକତା ଉପରେ ଜିଲ୍ଲା ସ୍ତରୀୟ ଚତୁର୍ଥ ଆନ୍ତର୍ଜାତୀୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିରାଜଶଙ୍କର ରଥ ବାୟୁ ପ୍ରଦୂଷଣର କାରଣ ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ବିଷୟରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ। ଏଥି ସହିତ ସେ ସମସ୍ତଙ୍କୁ ବୃକ୍ଷରୋପଣ କରିବା ଏବଂ ସାଇକେଲ ଅବା ଇଲେକ୍ଟ୍ରିକ ସାଇକେଲ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡାକ୍ତର ମନୋଜ କୁମାର ମହାନ୍ତି ମଧ ବିକଳ୍ପ ଶକ୍ତି ମାଧ୍ୟମ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରିବା ସହ କାଠ ଚୂଲ୍ଲା ବ୍ୟବହାର ନ କରିବା ପାଇଁ କହିଥିଲେ। ଓଜୋନ ସ୍ତର ଦିନକୁ ଦିନ କିପରି ନଷ୍ଟ ହେବାରେ ଲାଗିଛି ଏବଂ କିପରି ଏଥିରୁ ଦୂରେଇ ରହିବେ,ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପରେ ଉକ୍ତ ବିଷୟ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ୫ଟି ସଚିବଙ୍କ ଅନୁକମ୍ପା - କ୍ଷେତ୍ର ପରିଦର୍ଶନରେ ନିର୍ବାହୀ ଯନ୍ତ୍ରୀ

ନୂଆପଡ଼ା,ବିରବଲ ପ୍ରଧାନ, (ପି.ଏନ): ନୂଆପଡ଼ା ଜିଲ୍ଲାର ବୋଡ଼ନ ବ୍ଲକରେ କାମପୁର ଓ କାନକପଡ଼ା ଗ୍ରାମ ମଝିରେ ଥିବା ସାହାଜ ନାଳ ଉପରେ ଏକ ସେତୁ ନିର୍ମାଣ ପାଇଁ ଅନେକ ବର୍ଷରୁ ଲୋକଙ୍କ ମନରେ ଥିବା ଆଶା ଓ ସ୍ୱପ୍ନକୁ ବିଳମ୍ବରେ ହେଲେ ମଧ ନବୀନ ସରକାର ପୁରଣ କରିବାକୁ ଯାଉଛନ୍ତି ।ଉକ୍ତ ନାଳ ଉପରେ ସେତୁ ନିର୍ମାଣ ପାଇଁ ଗତ ମଇ ମାସ ୨୧ ତାରିଖ ଦିନ ୫ଟି ସଚିବ ଭି କେ ପାଣ୍ଡିଆନଙ୍କ ନୂଆପଡ଼ା ଜିଲ୍ଲା ଗସ୍ତ ସମୟରେ ପାତାଳ ଗଙ୍ଗାଠାରେ ଅନୁଷ୍ଠିତ ହୋଇଥିବା ଜନ ଶୁଣାଣି ଶିବିରରେ ଶ୍ରୀ ମଙ୍ଗଳ ଗୋବିନ୍ଦ ମଙ୍ଗରାଜ ,ତପିରାମ ସାଗର,ଦୁର୍ଯ୍ୟୋଧନ ମହାନନ୍ଦ ଏବଂ କାନପୁର ଓ କନକ ପଡା ଗ୍ରାମବାସୀ ଲିଖିତ ଅଭିଯୋଗ କରିଥିଲେ ।ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି ପତ୍ର ସଂଖ୍ୟା ୨୮୫୪୫୩୦୦୦୯୨୦୧୯/ ଜଉ ତାରିଖ ୧୪-୮-୨୦୨୩ ଦିନ ଅନୁମୋଦନ କରାଯାଇ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖରିଆରକୁ ପ୍ରେରଣ କରିବା ଦ୍ୱାରା ଗ୍ରାମ୍ୟ ନିର୍ମାଣ ବିଭାଜନ ଖରିଆରର ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଏବଂ ସହାୟକ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର କୁମାର ବକ୍ସି ଉଭୟ ମିଶି କ୍ଷେତ୍ର ପରିଦର୍ଶନ ତଥା ମୃତ୍ତିକା ପରୀକ୍ଷଣ କରି ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠି ପଠାଇ ସାରିଛନ୍ତି ।ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ପ୍ରଧାନୀ କାନପୁରସ୍ଥିତ ନାଳ ଏବଂ ସେହି ଅଞ୍ଚଳକୁ ପରିଦର୍ଶନରେ ଆସି ଲର୍କା ସରପଂଚ଼ ଜୟଶ୍ରୀ ପଟେଲ ,ସମିତି ସଭ୍ୟ ଅମିତ ସିଂ ଦେଓ ଏବଂ ଗ୍ରାମବାସୀ ମାନ ଗୋବିନ୍ଦ,ତପିରାମ ସାଗର,ରାମ୍ ସିଂ ମାଝୀ, ସତ୍ରୁଜିତ୍ ମାଝୀ,ଜଗଦୀଶ ସାଗର,ଚନ୍ଦ୍ର ମାଝୀ,ଫାଲଗୁନି ନିଆଳ,ରମେଶ ବାଗ ସମେତ ଅନେକ ଲୋକଙ୍କ ସହ କଥା ବାର୍ତ୍ତା କରି ଖରିଆର ସ୍ଥିତ ନିଜ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।ଅତି ଶୀଘ୍ର ଏହି ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ନିର୍ବାହୀ ଯନ୍ତ୍ରୀ କହିଯାଇଛନ୍ତି ।ସେତୁ ନିର୍ମାଣରେ ହଜାର ହଜାର ଜନସାଧାରଣ ତଥା ଛାତ୍ର ଛାତ୍ରୀ ଉପକୃତ ହେବେ ବୋଲି ଲୋକ ମତ ପ୍ରକାଶ କରନ୍ତି।

## ଜନ୍ମାଷ୍ଟମୀ ଉପଲକ୍ଷେ ଉତ୍ସବ ମୁଖର ପୁରାଣପୀଠ ବେଦୀହୁଡା

ଚଣ୍ଡିଖୋଲ,(ପିଏନ): ବଡ଼ଚଣା ବ୍ଲକ ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ଦେଉଳକୁର ଗ୍ରାମର ପୁରାଣ ପ୍ରସିଦ୍ଧ ବେଦୀହୁଡା ପୀଠ ପ୍ୱିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ଉତ୍ସବ ମୁଖର ହୋଇ ଉଠିଛି ।ଏହି ପୀଠରେ ପାଞ୍ଚ ପାଣ୍ଡବଙ୍କ ସହିତ ପ୍ରଭୁ ନାରାୟଣ ପୂଜା ପାଇ ଆସୁଛନ୍ତି ।ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଧର୍ମରାଜ ଯୁଧିଷ୍ଠିର ଏହିଠାରେ ମା ନାୟକାଣି ଙ୍କୁ ବିବାହ କରିଥିଲେ। ବିବାହ କାର୍ଯ୍ୟ ପାଇଁ ବେଦୀର ଆବଶ୍ୟକ ପଡିବାରୁ ଭୀମଦ୍ୱେ ଏଠାରେ ଏକ ବେଦିନିର୍ମାଣ କରିଥିଲେ ।ସେବେଠାରୁ ଏହି ପୀଠର ନାମ ବେଦୀହୁଡା ନାମରେ ନାମିତ ହୋଇଛି। ଏଠାରେ ବର୍ଷସାରା ବିଭିନ୍ନ ପୂଜା ଲାଗିରହେ ।ପ୍ରତିବର୍ଷ ୭ ଦିନଧରି ହୋମଯଜ୍ଞ ର ଆୟୋଜନ ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ଆୟୋଜନ କରାଯାଇଥାଏ। ପଞ୍ଚୁପାଣ୍ଡବଙ୍କ ମନ୍ଦିରକୁ ଲାଗି ଅନନ୍ତ ବାସୁଦେବ ମନ୍ଦିର ହନୁମାନ ମନ୍ଦିର ଓ ରାମମନ୍ଦିର ରହିଅଛି।

# ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଉନ୍ମୋଚିତ

ରାଉରକେଲା,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଏକ ଅଭିନବ ଆୟ ଯୋଜନା ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଲଂଚ୍ କରାଯାଇଛି । ଯାହାକି ଗ୍ରାହକଙ୍କୁ ଏକ ବାର୍ଷିକ ଆଧାରରେ ବର୍ଦ୍ଧିତ ଆୟ କିମ୍ବା ଏକ ନିରନ୍ତର ନିୟମିତ ଆୟ ହାସଲ କରିବା ପାଇଁ ବିକଳ୍ପ ପ୍ରଦାନ କରୁଛି। ଏହାବ୍ୟତୀତ ଏହି ଅଣ-ଅଂଶଗ୍ରହଣକାରୀ ସଂଚୟ ଉତ୍ପାଦର ଲାଇଫ୍ କଭର ଉପାଦାନ ପରିବାର ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିଥାଏ। ଆଇସିଆଇସିଆଇ ପ୍ରୁ ଗିଫ୍ଟ ଗ୍ରାହକଙ୍କୁ ଆୟ ଲାଭ, ପ୍ରିମିୟମ ପେମେଂଟ୍ ଅବଧି ଓ ଅନ୍ୟାନ୍ୟ ସୁବିଧାଗୁଡିକର ଏକ ବିକଳ୍ପ ପ୍ରଦାନ କରି ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ମୁତାବକ ପ୍ରଡକ୍ଟକୁ କଷ୍ଟମାଇଜ୍ କରିବା ପାଇଁ ଅନୁମତି ଦେଇଥାଏ। ନିଶ୍ଚିତ ଦୀର୍ଘାବଧି ଆୟ ସମେତ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଗ୍ରାହକଙ୍କୁ ଏକ ଲମ୍ପ୍ ସମ୍ ଲାଭ ପାଇବା ପାଇଁ ବିକଳ୍ପ ଦେଇଥାଏ। ଗ୍ରାହକଙ୍କ ନିକଟରେ ଏକ ଲମ୍ପ୍ ସମ୍ ବା ମୋଟ ଲାଭ ଭାବେ ପଇଠ କରାଯାଇଥିବା ପ୍ରିମିୟମର ୧୦୦% ପର୍ଯ୍ୟନ୍ତ ଯେକୌଣସି ରାଶିକୁ ଚୟନ କରିବାର ନମନୀୟତା ରହିଥାଏ। ଏହି ଫିଚର ସହିତ ଗ୍ରାହକମାନେ ଏକ ଘର କିଣିବା, ପ୍ରିୟଜନଙ୍କ ପାଇଁ ଦୀର୍ଘାବଧିର ବିରାସତ ଛାଡିଯିବା କିମ୍ବା ଏକ ଅବସରକାଳିନ ପାଣ୍ଠି ନିର୍ମାଣ କରିବା ଭଳି ଜୀବନର ସବୁଠାରୁ ସଫଳ ମୁହୂର୍ତ୍ତଗୁଡିକ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ। ଏହି ଫିଚର-ସମୃଦ୍ଧ ପ୍ରଡକ୍ଟ ସୁନିଶ୍ଚିତ କରିଥାଏ ଯେ, ଆୟ ଅବଧି ସମୟରେ ବୀମାଧାରକଙ୍କର ମୃତ୍ୟୁ ଘଟିବା ସ୍ଥିତିରେ ନୋମିନି ଉକ୍ତ ଆୟ ଗ୍ରହଣ କରିବା ଜାରି ରଖିବେ। ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ପ୍ରଭାବୀ ରୂପେ ଗ୍ରାହକଙ୍କୁ ଉଭୟ ସ୍ୱଳ୍ପାବଧି ଓ ଦୀର୍ଘାବଧି ଆୟ ଆବଶ୍ୟକତାକୁ ପୂରଣ କରିବା ପାଇଁ ନମନୀୟତା ପ୍ରଦାନ କରିଥାଏ। ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ୫ରୁ ୧୨ ବର୍ଷ ପର୍ଯ୍ୟନ୍ତ ଏକ ପ୍ରିମିୟମ ପେମେଂଟ୍ ଅବଧି ଶୃଙ୍ଖଳା ପ୍ରଦାନ କରୁଛି, ଯାହା ଗ୍ରାହକଙ୍କୁ ନିଜ ସୁବିଧା ଓ ଲକ୍ଷ୍ୟ ସମୟସୀମା ଅନୁଯାୟୀ ସଂଚୟ କରିବାକୁ ଦେଉଛି। ୮ମ ବର୍ଷ ପରଠାରୁ ଗ୍ରାହକମାନେ ସର୍ବାଧିକ ୩୦ ବର୍ଷ ପାଇଁ ଆୟ ଗ୍ରହଣ କରିବା ଆରମ୍ଭ କରିପାରିବେ। ଏହି ନୂତନ ଉତ୍ପାଦ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍ଟା କହିଛନ୍ତି, 'ଆମେ ବିଲ୍ଟ-ଇନ୍ ଫ୍ଲେକ୍ସିବିଲିଟି ସହିତ ଏକ ଦୀର୍ଘାବଧି ସଂଚୟ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ ଯାହା ଗ୍ରାହକଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ସହ ମେଳ ଖାଇବା ପାଇଁ ଉତ୍ପାଦକୁ ଆଡ୍‌ଜଷ୍ଟ କରିବାକୁ ଅନୁମତି ଦେବ, ଯାହା ସେମାନଙ୍କୁ ଉତ୍ତମ ଭାବେ ପ୍ରସ୍ତୁତ ରହିବା ଏବଂ ଜୀବନର ଲକ୍ଷ୍ୟଗୁଡିକୁ ହାସଲ କରିବା ଲାଗି ସକ୍ଷମ କରୁଛି। ଉତ୍ପାଦରେ ଥିବା ଲାଇଫ୍ କଭର୍ କମ୍ପୋନେଂଟ୍ ବ୍ୟତୀତ ଏହା ପରିବାର ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି।

# ମୁଦୁଲିପଡା ଓ ଅଣ୍ଡ୍ରାହାଲର ଭୋଟରଙ୍କୁ ନେଇ ସ୍ୱତନ୍ତ୍ର ସଚେତନତା ଶିବିର



ମାଲକାନଗିରି,(ପି.ଏନ): ଭୋଟର ସଚେତନତା (ସ୍ୱିପ୍) କାର୍ଯ୍ୟକ୍ରମ ଅଧିନରେ ପିଭିଟିଜି ଯୁବଗୋଷ୍ଠୀଙ୍କୁ ସଚେତନ କରିବା ନେଇ ଖଇରପୁଟ ବ୍ଲକ ମୁଦୁଲିପଡା ଏବଂ ଅଣ୍ଡ୍ରାହାଲ ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଡ଼ଃ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ ଭୋଟ ଦେବାର ମୌଳିକ ଅଧିକାର ସମସ୍ତଙ୍କର ରହିଛି । ଯାହା ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ। ସେ ଆହୁରି ମଧ କହିଛନ୍ତି ଯେ ରାଜ୍ୟ ସରକାର ଆଦିମ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି। ତେଣୁ ଯେପରି ଅଧିକରୁ ଅଧିକ ପିଭିଟିଜି ଯୁବକ ଯୁବତୀ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବେ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ଫର୍ମ-୬ ମାଧ୍ୟମରେ ଯୋଗ, ଫର୍ମ-୭ ମାଧ୍ୟମରେ ଆବେଦନ ଓ ତ୍ରୁଟି ସଂଶୋଧନ ଓ ଫର୍ମ-୮ ମାଧ୍ୟମରେ ସ୍ଥାନାନ୍ତରଣ ଓ ଭୋଟର ପରିଚ୍ୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିପାରିବେ ବୋଲି ସେ ଏଠାରେ ସୂଚ଼ନା ଦେଇଥିଲେ। ଏହି ଶିବିରରେ ଫର୍ମ-୬ ମାଧ୍ୟମରେ ୧୭୯ ଜଣ ବ୍ୟକ୍ତି ଯୋଗ ନିମନ୍ତେ ଆବେଦନ କରିଛନ୍ତି। ସେହିପରି ଫର୍ମ-୮ ରେ ୩୫ ଜଣ ସ୍ଥାନାନ୍ତରଣ ଓ ଭୋଟର ପରିଚ୍ୟ ପତ୍ର ସଂଶୋଧନ ନିମନ୍ତେ ଆବେଦନ କରିଛନ୍ତି। ସର୍ବମୋଟ ଏହି ଶିବିରରେ ୨୧୪ ଟି ଫର୍ମ ସଂଗ୍ରହ କରାଯାଇଥିଲା । ସୂଚ଼ନା ଥାଉ କି ୯ଟି ବୁଥର ଭୋଟରମାନେ ଏଥିରେ ଯୋଗ ଦେଇଥିଲେ। ଏହି ଶିବିରରେ ଉପନିର୍ବାଚ଼ନ ପଞ୍ଜୀକରଣ ଅଧିକାରୀ ତଥା ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟା, ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝୋଡିଆ, ସହାୟକ ଜିଲ୍ଲାପାଳ ଆଶୋକ ଚ଼କ୍ରବର୍ତ୍ତୀ, ବଣ୍ଡା ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ) ସଲମାନ୍ ରାଇକା, ଜିପିଇଓ ତଥା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତି ରଞ୍ଜନ ସେଠୀ, ବୁଥ୍ ଲେବେଲ୍ ଅଧିକାରୀ, ବୁଥ୍ ଲେବେଲ୍ ସୁପର ଭାଇଜର ଏବଂ ବିଡ଼ିଏ କର୍ମଚ଼ାରୀ ଉପସ୍ଥିତ ଥିଲେ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray